# ଶିକ୍ଷୟିତ୍ରୀ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

**ରାଉରକେଲା, ୧୦।୭ (ସମିସ):** ଶିକ୍ଷୟିତ୍ରୀ ସ୍ତ୍ରୀଙ୍କୁ ନିର୍ଯାତନା ଦିଆଯାଉଥିବା ସେକ୍ଟର-୩ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ସେକ୍ଟର-୧, ଏଚ/ ୩୫୬ରେ ସୁଦର୍ଶନ ବାର୍ଲା ଓ ତାଙ୍କ ସ୍ତ୍ରୀ ଉର୍ମିଳା ଏକ୍କା ପରିବାର ରୁହନ୍ତି। ସୁଦର୍ଶନ ଆରଏସପି କର୍ମଚାରୀ ହୋଇଥିବା ବେଳେ ଉର୍ମିଳା ସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାମ କରନ୍ତି। ତେବେ ବିଭିନ୍ନ ସମୟରେ ସୁଦର୍ଶନ ଉର୍ମିଳାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ଉର୍ମିଳା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି।

### ଅଣସଂକ୍ରାମକ ରୋଗର ପ୍ରତିରୋଧ, ମାନସିକ ସ୍ୱାସ୍ଥ୍ୟ ଏବଂ ତମାଖୁ ନିୟନ୍ତ୍ରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ ବୈଠକ

# ୪୨୨ ତମାଖୁ ବିକ୍ରେତାଙ୍କୁ ଜରିମାନା

**ଭବାନୀପାଟଣା, ୧୦।୭ (ସମିସ):** କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଅଣସଂକ୍ରାମକ ରୋଗର ପ୍ରତିରୋଧ, ମାନସିକ ସ୍ୱାସ୍ଥ୍ୟର ସ୍ଥିତି ଏବଂ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଉପରେ ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଅଣସଂକ୍ରାମକ ରୋଗ, ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ ଓ ଅନ୍ୟାନ୍ୟ ରୋଗକୁ କିପରି ଗାଁସ୍ତରରୁ ଚିହ୍ନଟ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ୩୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ପୋର୍ଟାଲରେ ତଥ୍ୟ ସମ୍ମିଳିତ କରି ଔଷଧ ବଣ୍ଟନ କରିବାକୁ ସମସ୍ତ ପିଏଚସି ମେଡ଼ିକାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲାରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ, ମାନସିକ ରୋଗ ବିଶେଷଜ୍ଞ, ନର୍ସ, ସମାଜସେବୀଙ୍କ କାର୍ଯ୍ୟ ନିରୀକ୍ଷଣ, ଗୋଷ୍ଠୀଗତ ସହାୟତା ଓ ସଚେତନତା, କାରାଗାର ଓ ଶିଶୁଯତ୍ନ କେନ୍ଦ୍ର ପରିଦର୍ଶନ ଓ ଅନ୍ତେବାସୀଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ, ଡାକ୍ତରଙ୍କ ପରାମର୍ଶ, ମାନସିକ ସ୍ୱାସ୍ଥ୍ୟ ଭ୍ରାମ୍ୟମାଣ ଯାନର ବ୍ୟବହାର, ସ୍କ୍ରିନିଂ କ୍ୟାମ୍ପ, ମାନସିକରୋଗୀଙ୍କୁ ଚିକିତ୍ସା ଉପରେ ଆଲୋଚନା ହୋଇଥିଲା। ତମାଖୁ ନିୟନ୍ତ୍ରଣ ଓ ତମାଖୁ ସେବନକୁ ନିରୁତ୍ସାହିତ କରିବାକୁ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟିର ବୈଠକରେ ତମାଖୁ ନିୟନ୍ତ୍ରଣରେ ପୁଲିସ ଓ ଅବକାରୀ ବିଭାଗର କାର୍ଯ୍ୟ, ବିଦ୍ୟାଳୟମାନଙ୍କରେ କିଶୋର କିଶୋରୀମାନଙ୍କୁ ତମାଖୁର ଅପକାରିତା ଓ ସେବନ କରିବା ହାନିକାରକର ସଚେତନତା ବାର୍ତ୍ତା, ସ୍କ୍ୱାଡ ଟିମ୍‌ର ଚଢ଼ଉ, ସଚେତନତା କାର୍ଯ୍ୟକ୍ରମ, ଶିକ୍ଷକ ଓ ସରପଞ୍ଚମାନଙ୍କୁ ତାଲିମ, ବ୍ଲକ ସ୍ତରରେ କମିଟି ଗଠନ, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଓ ସମନ୍ୱୟ, କୋପଟା ନିୟମର କଡ଼ାକଡ଼ି ପାଳନ ଉପରେ ଆଲୋଚନା ହୋଇଥିଲା। ୨୦୨୩-୨୪ରେ ତମାଖୁ ନିୟନ୍ତ୍ରଣ ସ୍କ୍ୱାଡ ଦ୍ୱାରା ୨୫ଟି ସ୍ଥାନରେ ଚଢ଼ାଉ କରାଯାଇ ୪୨୨ ଜଣଙ୍କୁ ଚେତାବନୀ ସହ ୮୧, ୧୨୦/- ଟଙ୍କା ଜରିମାନା କରାଯାଇଛି। ସେହିପରି ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ରମରେ ୯୨ ବିଦ୍ୟାଳୟ ଓ ୬ ଟି କଲେଜକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଏସ୍‌ପି. ସେବାଷ୍ଟିନ୍ ଡିଗା, ସିଡିଏମ୍‌ଓ ଡ଼ଃ. ନିହାରେନ୍ଦ୍ର ପଣ୍ଡା, ଡିପିଏଚ୍‌ଓ ଡଃ ରାକେଶ ସାହୁ, ଡ଼ଃ. ରଞ୍ଜନ ମିଶ୍ର, ଡିପିଏମ୍ ଭବାନୀ ଶଙ୍କର ସାହୁ, ନିହାର ରଞ୍ଜନ, ହିମାଂଶୁ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଡିଡବ୍ଲ୍ୟୁଓ ଅରବିନ୍ଦ ରାଏ, ଡିସିପିଓ ଶୈଳେନ୍ଦୁ ମହାପାତ୍ରଙ୍କ ସମେତ ସମସ୍ତ ବ୍ଲକର ବିଡିଏମ୍, ବିପିଏମ୍, ପିଏଚଏସ୍‌ଓ, ଏମ୍‌ଓ ଏବଂ କାଉନସେଲରମାନେ ଯୋଗ ଦେଇଥିଲେ।

### ଆରଜିଏଚ ମହାଦୁର୍ନୀତି ଘଟଣା

# ଏନ୍‌ଏଚ୍‌ଏମ୍ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ

**ରାଉରକେଲା, ୧୦।୭ (ସମିସ)**

ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ)ରେ ସିକ୍ୟୁରିଟି ନିଯୁକ୍ତି, ହାଉସ କିପିଙ୍ଗ ନିଯୁକ୍ତି, ମର୍ଗ ହାଉସର ଫ୍ରିଜ ଚାମ୍ବର ଚୋରି, ଲଣ୍ଡ୍ରି ଏଜେନ୍ସିକୁ ଅହେତୁକ ଅନୁକମ୍ପା ପ୍ରଦାନ, ଡାଏଲିସିସ ପରିଚାଳନା ପାଇଁ ରାହି କେୟାର ଏଜେନ୍ସି ନିଯୁକ୍ତ କରି ବ୍ୟାପକ ଅନିୟମିତତା, ଡାଏଲିସିସ କେନ୍ଦ୍ରରେ ନକଲି ଡାକ୍ତର ନିଯୁକ୍ତି ଆଦି ମହାଦୁର୍ନୀତି ଘଟଣା ଏବେ ହାଟରେ ପଡ଼ି ଦାଣ୍ଡରେ ଗଡ଼ିବା ପରେ ବୁଧବାର ରାଜ୍ୟ ଜାତୀୟ ସ୍ୱାସ୍ଥ୍ୟ

- ଗଣମାଧ୍ୟମକୁ ପ୍ରବେଶ କରାଇ ଦେଲେନି
- ତଦନ୍ତରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ

ମିଶନ (ଏନ୍‌ଏଚଏମ୍) ପକ୍ଷରୁ ୩ ଜଣିଆ ଟିମ ଦ୍ୱାରା ତଦନ୍ତ ଆରମ୍ଭ ହୋଇଛି। ତେବେ ଏହି ତଦନ୍ତ ବାସ୍ତବରେ ଆରଜିଏଚରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ ପାଇଁ ହେଉଛି କି ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇ ଅସଲ ଅଭିଯୁକ୍ତକୁ ସୁରକ୍ଷା ଦେବା ପାଇଁ, ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। କାରଣ ଏହି ତଦନ୍ତ କମିଟି ଗଣମାଧ୍ୟମକୁ ନ ଭେଟିବା ଏପରିକି ଗଣମାଧ୍ୟମ ରହିଲେ ଆମେ ତଦନ୍ତ ନ କରି ଫେରିଯିବୁ ବୋଲି ମନ୍ତବ୍ୟ ଦେବା ଘଟଣା ତଦନ୍ତରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଦୀର୍ଘ ବର୍ଷ ପରେ ଆର୍‌ଜିଅଚ୍‌ର ବିଭିନ୍ନ କ୍ଷେତ୍ରରେ ଘୋର ଦୁର୍ନୀତି ଘଟଣା ସାମ୍ନାକୁ ଆସିଛି। ତଳ ସ୍ତରରୁ ଉପର ସ୍ତର ଯାଏଁ ଦୁର୍ନୀତିର ଗନ୍ଧ ବାହୁ ହୋଇପଡୁଛି। ନିକଟରେ ମର୍ଗ ହାଉସରୁ ଦୁଇଟି ଡିପ୍ ଫ୍ରିଜର ଚୋରି ଘଟଣା ଓ ନକଲି ଡାକ୍ତର ଗିରଫ ଘଟଣା ଲୋକଲୋଚନକୁ ଆସିବା ପରେ ଅନ୍ୟ ସବୁ ଦୁର୍ନୀତିର ଗନ୍ଧ ବାହାରିବା ଆରମ୍ଭ ହେଲାଣି। ଏହାର ତଦନ୍ତ ପାଇଁ ବିଭିନ୍ନ ଦିଗରୁ ଦୃଢ଼ ଦାବି ପରେ ବୁଧବାର ଅପରାହ୍ନରେ ଭୁବନେଶ୍ୱରରୁ ତିନି ଜଣିଆ ଏନ୍‌ଏଚଏମ୍ ଟିମ୍ ଆସି ପହଞ୍ଚିଥିଲେ। ତେବେ ଏହି ଖବର ସଂଗ୍ରହ କରିବାକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବୈଠକରୁ




ଟିମ୍ ପକ୍ଷରୁ ଦୂରରେ ରଖାଯାଇଥିଲା। ଏପରିକି ଟିମ୍ ଗଣମାଧ୍ୟମକୁ କୌଣସି ସୂଚନା ଦେବାକୁ ରୋକ୍‌ଠୋକ୍ ମନା କରି ଦେଇଥିଲେ। ଏହାସହ ଗଣମାଧ୍ୟମ ରହିଲେ ଟିମ୍ ପଳେଇବ ବୋଲି ମଧ୍ୟ କୁହାଯାଇଥିଲା। ଏହାକୁ ବିରୋଧ କରି ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିଥିଲେ। ପରେ ବୈଠକ ବସିଥିବା ରୁମ୍ ଲକ୍ କରାଯାଇଥିଲା। ଏପରିକି ସିକ୍ୟୁରିଟି ଗାର୍ଡମାନଙ୍କୁ ଡକାଇ ଦିଆଯାଇଥିଲା। ବୈଠକ ଚାଲିଥିବା ରୁମ୍‌କୁ ଯିବା ପାଇଁ ମୁଖ୍ୟ ପ୍ରବେଶ ଦ୍ୱାର ଭିତରୁ ବନ୍ଦ କରି ଦିଆଯାଇଥିଲା। ଏହାକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରାହ୍ନ ୪ଟାରୁ ବୈଠକ ଆରମ୍ଭ ହୋଇଥିବା ବେଳେ ଖବର ଲେଖା ହେବା ଯାଏଁ ଶେଷ ହୋଇନାହିଁ। ଅପରପକ୍ଷେ ଟିମ୍ କିମ୍ବା ଡାକ୍ତରଖାନା ପକ୍ଷରୁ କୌଣସି ସୂଚନା ଗଣମାଧ୍ୟମକୁ ଦିଆଯାଇନାହିଁ।

ଆର୍‌ଜିଏଚ୍‌ରେ ବର୍ଷ ବର୍ଷ ଧରି ଚାଲିଥିଲା ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍। ତାହା ପୁଣି ହସ୍ପିଟାଲ ମ୍ୟାନେଜର




ମୋହିତ କୁମାର ଶ୍ରୀବାସ୍ତବଙ୍କ ଜାଣତରେ। ହେଲେ କିପରି ଜାଣିପାରୁ ନ ଥିଲେ ହସ୍ପିଟାଲ କର୍ତ୍ତୃପକ୍ଷ? କେମିତି ଜାଣିପାରୁ ନ ଥିଲେ ସୁନ୍ଦରଗଡ଼ ଜିଲ୍ଲାପାଳ ତଥା ଏନଏଚଏମର ଅଧ୍ୟକ୍ଷ? ପ୍ରତ୍ୟେକ ମାସରେ ରୋଗୀ କଲ୍ୟାଣ ସମିତି ବୈଠକ ବସୁଥିବା ବେଳେ କିପରି ଏହି ବଡ଼ ଦୁର୍ନୀତି ନେଇ ଚୁପ୍ ରହୁଥିଲେ? ବିଧାୟକ ତଥା ସାଂସଦ ରୋଗୀ କଲ୍ୟାଣ ସମିତି ସଦସ୍ୟ ଥାଇ ବି କେବେ ବି ହସ୍ପିଟାଲ ମ୍ୟାନେଜରଙ୍କ ଏହି କେଳେଙ୍କାରୀ ବିଷୟରେ ସ୍ୱର ନ ଉଠାଇବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଲା ଆର୍‌ଜିଏଚ୍‌ରେ ହସ୍ପିଟାଲ ମ୍ୟାନେଜରଙ୍କୁ ରାଜ୍ୟ ଏନଏଚଏମ ପକ୍ଷରୁ ନିଯୁକ୍ତି ଦିଆଯାଇଥିଲା। ହସ୍ପିଟାଲ ସବ୍‌କମିଟି ପକ୍ଷରୁ ହସ୍ପିଟାଲ ମ୍ୟାନେଜରଙ୍କ କେଳେଙ୍କାରୀର କଳା ପୃଷ୍ଠା ବିଷୟରେ ଏନଏଚଏମକୁ ଅବଗତ କରାଯାଇଥିବା ବେଳେ କାହିଁକି ଏନଏଚଏମ ଏପର୍ଯ୍ୟନ୍ତ ନିରବ ଥିଲା ତାକୁ ନେଇ ଉଠିଛି ପ୍ରଶ୍ନ। ଏବେ ଆରଜିଏଚରେ ହୋଇଥିବା ସମସ୍ତ ଆର୍ଥିକ ଅନିୟମିତତା ଓ ତୋଷରପାତରେ ହସ୍ପିଟାଲ ମ୍ୟାନେଜରଙ୍କ ସମ୍ପୃକ୍ତି ନେଇ ସନ୍ଦେହ ଦୃଢ଼ୀଭୂତ ହେବା ପରେ ଅଭିଯୋଗ ପାଇ ଏନଏଚଏମ ତଦନ୍ତ କରିବା କେବଳ ଲୋକଦେଖାଣିଆ ବୋଲି ଚର୍ଚ୍ଚା ଚାଲିଛି। ଏପରିକି ହସ୍ପିଟାଲ ମ୍ୟାନେଜରଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ନୁହେଁ ବରଂ ତାଙ୍କୁ ସୁରକ୍ଷା ଦେବା ପାଇଁ ଏହି ଟିମ୍ ଆସିଥିବା ଏବଂ ଏଥିପାଇଁ ଗଣମାଧ୍ୟମକୁ ଦୂରରେ ରଖିବାକୁ ନିଷ୍ପତ୍ତି ହୋଇଥିବା କୁହାଯାଉଛି।

# ଓଏସ୍‌ଆର୍‌ଟିସି ପେସାଦାରଙ୍କ ଦକ୍ଷତା ବିକାଶ ପାଠ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ



**ରାଉରକେଲା, ୧୦।୭ (ସମିସ)**

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି)ର ପେସାଦାରମାନଙ୍କ ପାଇଁ ଏକ ୬ ଦିନିଆ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଏନ୍‌ଆଇଟି ରାଉରକେଲାରେ ଆରମ୍ଭ ହୋଇଛି। ମେକାନିକାଲ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଏହି ଦକ୍ଷତା ବିକାଶ ପାଠ୍ୟକ୍ରମ ବିଭାଗର ସେମିନାର୍ ହଲ୍‌ରେ ଆୟୋଜିତ ହେଉଛି। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଏହାକୁ ଉଦଘାଟନ କରିବା ସହ ଦେଶର ବିଭିନ୍ନ ବସ୍ ଡିପୋ ମ୍ୟାନେଜମେଣ୍ଟ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରଫେସର ରାଓ କହିଲେ, ଏଭଳି କାର୍ଯ୍ୟକ୍ରମର ପ୍ରାଥମିକ ଲକ୍ଷ୍ୟ ହେଉଛି ଯାତ୍ରୀଙ୍କୁ ସୁରକ୍ଷା ଓ ଆରାମ ସୁନିଶ୍ଚିତ କରିବା। ଭାରତରେ ବସ୍‌ଗୁଡ଼ିକ ମୁଖ୍ୟତଃ ପର୍ଯ୍ୟଟନ ପରିବର୍ତ୍ତେ ଆବଶ୍ୟକତା ପାଇଁ ବ୍ୟବହୃତ ହୁଏ। ଫଳରେ ଅଧିକାଂଶ ସମୟରେ ଅତ୍ୟଧିକ ଭିଡ଼ ଓ ବିଳମ୍ବ ତଥା ପର୍ଯ୍ୟାପ୍ତ ଅସୁବିଧା ଉପୁଜିଥାଏ। ସ୍ୱୟଂଚାଳିତ ଷ୍ଟିୟରିଂ କାର୍ଯ୍ୟକାରୀ କରିବା, ବାରମ୍ବାର ହର୍ଣ୍ଣ ବଜାଇବା ସମୟରେ ଶବ୍ଦ ସ୍ତର ମାପିବା, ଯାତ୍ରୀଙ୍କ ପାଇଁ ସିଟ୍ ବେଲ୍ଟ ଯୋଗାଇବା, ହାଇଡ୍ରୋଲିକ୍ ବ୍ରେକ୍ ସିଷ୍ଟମ ପ୍ରଚଳନ କରିବା ଏବଂ ତୈଳ ଲିକ୍‌କୁ ନିୟନ୍ତ୍ରଣ କରିବା ଉପରେ ଆମକୁ ଧ୍ୟାନ ଦେବାକୁ ପଡ଼ିବ। ଏହାବ୍ୟତୀତ, ସାମଗ୍ରିକ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ସ୍ମାର୍ଟ ସିଡ୍ୟୁଲିଂ ପାଇଁ ଆମ କାର୍ଯ୍ୟସୂଚୀକୁ ସୁବ୍ୟବସ୍ଥିତ କରିବା ଏବଂ ଡାଟା ତଥା ଡିଜିଟାଲ ଉପକରଣର ଉପଯୋଗ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ଓଏସ୍‌ଆର୍‌ଟିସି ଇଞ୍ଜିନିୟର ଏବଂ ଅଧିକାରୀଙ୍କ ପାଇଁ ୨୦୨୪ ଜୁନ୍‌ରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ପାଠ୍ୟକ୍ରମ ପରେ ଏହି ଦ୍ୱିତୀୟ ପର୍ଯ୍ୟାୟ ପାଠ୍ୟକ୍ରମ ବିଶେଷ କରି ଓଏସ୍‌ଆର୍‌ଟିସି ଡିପୋ ମ୍ୟାନେଜରଙ୍କ ପାଇଁ ଡିଜାଇନ୍ କରାଯାଇଛି। ପାଠ୍ୟକ୍ରମ ସଂଯୋଜକ ପ୍ରଫେସର୍ ବୁକ୍କେ କିରଣ ନାଏକ ସମସ୍ତ ୩୧ ପ୍ରତିଯୋଗୀଙ୍କୁ ସ୍ୱାଗତ କରିବା ସହ ଦକ୍ଷତା ବୃଦ୍ଧି ପାଠ୍ୟକ୍ରମରେ ଯାନ ପରିଚାଳନା, ଡିପୋ ପରିଚାଳନା, ପରିବହନ ନୀତି ଓ ସ୍ଥାୟୀ ପରିବହନ ଅଭ୍ୟାସରେ ଦକ୍ଷତା ବୃଦ୍ଧି ପାଇଁ ପ୍ରସ୍ତୁତ କରାଯାଇଥିବା ବିବିଧ ପାଠ୍ୟକ୍ରମ ରହିବ ବୋଲି ଆଲୋକପାତ କରିଥିଲେ। ଏହାବ୍ୟତୀତ ଏହି ପାଠ୍ୟକ୍ରମରେ ବସ୍ ଏୟାର କଣ୍ଡିସନିଂ ସ୍ଥାପନ ଓ ବସ୍ ଡିପୋରେ ସିସିଟିଭି କ୍ୟାମେରାର ରକ୍ଷଣାବେକ୍ଷଣ ଆଦି ବାବାଦରେ ଶିକ୍ଷା ପ୍ରଦାନ କରାଯିବ। ଉଦ୍‌ଘାଟନୀ ଭାଷଣରେ ପ୍ରାୟୋଜିତ ଗବେଷଣା, ଶିଳ୍ପ ପରାମର୍ଶ ଓ ନିରନ୍ତର ଶିକ୍ଷାର ଡିନ୍ ପ୍ରଫେସର ଏସ୍‌କେ ପ୍ରତିହାରୀ କରିଲେ ଯେ ଏହି ପାଠ୍ୟକ୍ରମର ବ୍ୟାପକ ପାଠ୍ୟଖସଡ଼ା ଆଧୁନିକ ପରିବହନ ବ୍ୟବସ୍ଥାରେ ଓଏସ୍‌ଆର୍‌ଟିସି ପେସାଦାରଙ୍କ ଦକ୍ଷତା ବୃଦ୍ଧି କରିବ। ପାରଦର୍ଶିତା ତଥା ପରିବେଶ ଦାୟିତ୍ୱକୁ ପ୍ରୋତ୍ସାହିତ କରିବ। ଏହି ଅଧିବେଶନରେ ଅଂଶଗ୍ରହଣକାରୀଙ୍କ ପାଇଁ ପାଠ୍ୟକ୍ରମ ବିଶେଷଜ୍ଞଙ୍କ ସହ ଆଲୋଚନା କରିବା ପାଇଁ ନୂତନ, ଆକର୍ଷଣୀୟ ବିଷୟ ଅନ୍ତର୍ଭୁକ୍ତ ରହିଛି ବୋଲି ସେ କହିଥିଲେ।

ମେକାନିକାଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ପ୍ରଫେସର ଏସ୍‌କେ ପଟେଲ ଏହି ପାଠ୍ୟକ୍ରମ ଆୟୋଜନ ପାଇଁ ଓଡ଼ିଶା ସରକାରଙ୍କୁ ସେମାନଙ୍କ ବିଭାଗ ଚୟନ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏନ୍‌ଆଇଟି ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରି ଅତିରିକ୍ତ ଶାସନ ସଚିବ (ଓଏସ୍‌ଆର୍‌ଟିସି) ଲକ୍ଷ୍ମୀକାନ୍ତ ସେଠୀ କହିଲେ, ଏହି ପାଠ୍ୟକ୍ରମ ଆମ ଓଏସ୍‌ଆର୍‌ଟିସି ପେସାଦାରମାନଙ୍କୁ ମାର୍ଗଦର୍ଶନ ଓ ଆକାର ପ୍ରଦାନରେ ସହାୟକ ହୋଇଛି। ସେମାନଙ୍କୁ ନିଜ କାର୍ଯ୍ୟରେ ମାଲିକାନା ତଥା ଉତ୍ତରଦାୟିତ୍ୱ ନେବାରେ ସାହାଯ୍ୟ କରିଛି। ସମୟ ଥିଲା ଯେତେବେଳେ ଓଏସ୍‌ଆର୍‌ଟିସି ଘରୋଇ କମ୍ପାନୀମାନଙ୍କୁ ବିକ୍ରିର ଦ୍ୱାରଦେଶରେ ଥିଲା। କିନ୍ତୁ ମୁଁ ଖୁସିରେ କହୁଛି ଯେ ଆମେ ବର୍ତ୍ତମାନ ୩, ୦୦୦ ଗାଡ଼ି ସହିତ କାର୍ଯ୍ୟ କରୁଛୁ। ଆମେ ଆମ ପରିଶ୍ରମୀ ପେସାଦାରମାନଙ୍କ ପାଇଁ ଦକ୍ଷତା ବିକାଶ ପାଠ୍ୟକ୍ରମ ପ୍ରଦାନ କରିବାକୁ ଯୋଜନା କରୁଛୁ। ଏନ୍‌ଆଇଟି ରାଉରକେଲାରେ ଏହି ଦକ୍ଷତା ବିକାଶ ପାଠ୍ୟକ୍ରମର ତୃତୀୟ ପର୍ଯ୍ୟାୟକୁ ଉତ୍ସାହର ସହ ଅପେକ୍ଷା କରୁଛୁ ବୋଲି ସେ କହିଥିଲେ। ପାଠ୍ୟକ୍ରମ ସଂଯୋଜକ ପ୍ରଫେସର ଏସ୍ ମୁର୍ଗନ ପାଠ୍ୟକ୍ରମର କାର୍ଯ୍ୟସୂଚୀ ସମ୍ପର୍କରେ ବିବରଣୀ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଠ୍ୟକ୍ରମରେ 'ବସ୍ ଡିପୋ ମ୍ୟାନେଜମେଣ୍ଟ' (ଇନ୍ଧନ, ଟ୍ରାଫିକ୍, ଯାନ, ଇନ୍‌ଭେଣ୍ଟରୀ, ସୁବିଧା, କର୍ମଚାରୀ ଓ ସମୟ ନିର୍ଦ୍ଧାରଣ ପରିଚାଳନା), 'ଯାନ ପରିଚାଳନା' (ଅଫ୍-ରୋଡ୍, ହାଇବ୍ରିଡ୍ ଓ ସ୍ୱୟଂଚାଳିତ ଯାନ), 'ସ୍ଥାୟୀ ପରିବହନ' (ପରିବେଶ ପ୍ରଭାବ, ନୀତି ବିକାଶ, ମାମଲା ଅଧ୍ୟୟନ, ବିକଳ୍ପ ଇନ୍ଧନ/ପାୱାର ବସ୍) ଏବଂ 'ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ' (ସୁସ୍ଥ କାର୍ଯ୍ୟ ପରିବେଶ, ସମୟ ପରିଚାଳନା, ବିଶ୍ରାମ କୌଶଳ) ଅନ୍ତର୍ଭୁକ୍ତ ହେବ। ଅନ୍ତିମ ଦିନରେ ପରୀକ୍ଷାରେ ସନ୍ତୋଷଜନକ ପ୍ରଦର୍ଶନ କରୁଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ।





**ବନ୍ଧମୁଣ୍ଡା ପୁଲିସର ସଫଳତା**

# ୨ ଚୋରି ଟ୍ରକ, ୫ ବାଇକ ଜବତ: ୨ ଗିରଫ

ରାଉରକେଲା, ୧୦।୭ (ସମିସ)

ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ବନ୍ଧମୁଣ୍ଡା ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ବାଇକ୍ ଗ୍ୟାରେଜ ମାଲିକରୁ କୁଖ୍ୟାତ ଚୋର ସାଜିଥିବା ବିଶ୍ରା ଅଞ୍ଚଳର ଜଣେ ଯୁବକ ଏବଂ ତାଙ୍କ ସହଯୋଗୀଙ୍କୁ ପୁଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ଗୋଟିଏ ମିନି ଟ୍ରକ, ଗୋଟିଏ ଡମ୍ଫର ଏବଂ ୫ଟି ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିଶ୍ରା ଅଞ୍ଚଳର କାହ୍ନୁ ନାୟକ (୩୦) ଏବଂ ଗଣେଶ ସାହା (୩୫)।




ବନ୍ଧମୁଣ୍ଡା ଥାନା ଅଧିକାରୀ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ମଙ୍ଗଳବାର ବନ୍ଧମୁଣ୍ଡାରେ ହେଲମେଟ, ବାଇକ ଆଦି ଯାଞ୍ଚ ଚାଲିଥିବା ବେଳେ ଏକ ବାଇକକୁ ପୁଲିସ ଅଟକାଇ ଯାଞ୍ଚ କରିଥିଲା। ଆରୋହୀ କାହ୍ନୁ ନାୟକଙ୍କୁ ପଚରାଉଚରା କରିଥିଲା। ତେବେ ସେ ବାଇକର କାଗଜପତ୍ର ଦେଖାଇପାରି ନ ଥିଲେ। ପରେ ଅଧିକ ଯାଞ୍ଚ ବେଳେ ତାହା ଏକ ଚୋରି ବାଇକ ଏବଂ ୧୨ ଦିନ ପୂର୍ବେ ବନ୍ଧମୁଣ୍ଡା ଅଞ୍ଚଳରୁ ଚୋରି ହୋଇଥିବା ପୁଲିସ ଜାଣିବାକୁ ପାଇଥିଲା। ଏତଦବ୍ୟତୀତ କାହ୍ନୁ ନାୟକ ଜଣେ ପେସାଦାର ଗାଡ଼ି ଚୋର ବୋଲି ପୁଲିସ ଜାଣିବାକୁ ପାଇଥିଲା। କାହ୍ନୁ ବିଶ୍ରା ମାର୍କେଟରେ ଏକ ବାଇକ୍ ଗ୍ୟାରେଜ କରି ମେକାନିକ ଭାବେ କାମ କରୁଥିଲେ। ତେବେ ସେଠାରେ କମ୍ ଅର୍ଥ ମିଳୁଥିବାରୁ ରାତାରାତି ଲକ୍ଷପତି ହେବା ନିଶାରେ ୨୦୧୨ରେ ସେ ଅପରାଧ ଦୁନିଆରେ ପାଦଥାପି ଚୋରି କରିବାକୁ ଆରମ୍ଭ କରିଥିଲେ। ଏହି ଅପରାଧରେ ତାଙ୍କୁ ବିଶ୍ରାର ଗଣେଶ ସାହା ସହାୟତା କରୁଥିଲେ। ଦୁହେଁ ମିଶି ଏକ ପିକ୍‌ଅପ୍ ଭ୍ୟାନ ଚୋରି ମାମଲାରେ ପୂର୍ବରୁ ବଣାଇଁ ପୁଲିସ ଦ୍ୱାରା ଗିରଫ ହୋଇ ଜେଲରେ ଥିଲେ ବୋଲି କାହ୍ନୁ ସ୍ୱୀକାର କରିଥିଲା। ଜେଲରୁ ବାହାରିବା ପରେ ଏହି ଚୋରିକୁ ଦୁହେଁ ଆହୁରି ବ୍ୟାପକ କରିଥିଲେ। ଇତିମଧ୍ୟରେ ସେମାନେ ମିଶି ଗୋଟିଏ ପିକ୍‌ଅପ୍ ଭ୍ୟାନ, ଗୋଟିଏ ଡମ୍ଫର, ୫ଟି ବାଇକ ଏବଂ ଗୋଟିଏ ସ୍କୁଟି ଚୋରି କରିଥିବା ପୁଲିସ ନିକଟରେ କାହ୍ନୁ ସ୍ୱୀକାର କରିଥିଲେ। କାହ୍ନୁଙ୍କ ସୂଚନା ମୁତାବକ ପୁଲିସ ବିଶ୍ରାରୁ ଗଣେଶ ସାହାଙ୍କୁ ଉଠାଇ ଆଣି ଗିରଫ କରିଥିଲା।

ସେମାନଙ୍କ ସୂଚନା ମୁତାବକ ପୁଲିସ ବିଶ୍ରା ଥାନା ମିଟକୁନ୍ଦୁରି ଅନ୍ତର୍ଗତ ଅଙ୍କୁରପାଲି ନିକଟ ଏକ ଇଟାଭାଟିରେ ଲୁଚାଇ ରଖିଥିବା ଚୋରି ପିକ୍‌ଅପ୍ ଭ୍ୟାନ ଏବଂ ଡମ୍ଫର ଜବତ କରିଥିଲା। ପରେ ପୁଲିସ କୋଲସାହି ନିକଟରେ ସେମାନେ ଲୁଚାଇ ରଖିଥିବା ୫ଟି ବାଇକ ଓ ଗୋଟିଏ ସ୍କୁଟି ଜବତ କରିଥିଲା। ବୁଧବାର ଦୁଇ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ସେମାନେ ଉକ୍ତ ସମସ୍ତ ଚୋରି ଗାଡ଼ିକୁ ବିକ୍ରି କରିବା ପାଇଁ ଯୋଜନା କରିଥିଲେ ବୋଲି ପୁଲିସ କହିଛି। କାହ୍ନୁ ନାମରେ ବିଭିନ୍ନ ଥାନାରେ ୨୦ରୁ ଊର୍ଦ୍ଧ୍ୱ ଚୋରି ମାମଲା ଥିବା ଥାନା ଅଧିକାରୀ ଦାସ ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସମ୍ପର୍କିତ କର୍ମଶାଳା



ସୁନ୍ଦରଗଡ଼, ୧୦।୭ (ସମିସ): ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଚାଷୀ କିପରି ଲାଭାନ୍ୱିତ ହେବେ ସେ ନେଇ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ପ୍ରତି ଜିଲ୍ଲା ସ୍ତରରେ କର୍ମଶାଳାର ଆୟୋଜନ କରାଯାଉଛି। ଏ କ୍ରମରେ ବୁଧବାର ସୁନ୍ଦରଗଡ଼ ବିକାଶ ଭବନରେ ଏହି ଯୋଜନା ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାରେ କୃଷି ବିଭାଗ ଅତିରିକ୍ତ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ ମିଞ୍ଜ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ପରିବର୍ତ୍ତିତ କାର୍ଯ୍ୟଧାରା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରଥିଲେ। ବିଭିନ୍ନ ବିଭାଗୀୟ କାର୍ଯ୍ୟପନ୍ଥାର ସଫଳ ରୂପାୟନ ପାଇଁ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାଏକ ବିଭାଗୀୟ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଏବଂ ବ୍ଲକ କୃଷି ବିଭାଗର ଅଧିକାରୀଙ୍କ ସମେତ ବିଭିନ୍ନ ବ୍ୟାଙ୍କ ଅଧିକାରୀ ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ ରାଜବାଟୀ ଜଗନ୍ନାଥ ମହାପ୍ରଭୁଙ୍କ ବାମନ ପର୍ଶୁରାମ ଅବତାର ବେଶ

# ଷଷ୍ଠ ବର୍ଷରେ କୁମୁଟିମୁଣ୍ଡା ଉଧାରୀ ରଥଯାତ୍ରା

ସୁନ୍ଦରଗଡ଼, ୧୦।୭ (ସମିସ): ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ କୁମୁଟିମୁଣ୍ଡା ଗ୍ରାମରେ ଉଧାରୀ ରଥଯାତ୍ରା ଷଷ୍ଠ ବର୍ଷରେ ପହଞ୍ଚିଛି। ଏହି ଅବସରରେ ପଡ଼ୋଶୀ ଲେଢ଼ିମଙ୍ଗ ଶ୍ରୀ ଜଗନ୍ନାଥ ମନ୍ଦିରରୁ ତିନି ଠାକୁରଙ୍କୁ ଅଣାଯାଇ ଆନନ୍ଦ ଉଲ୍ଲାସରେ ରଥଯାତ୍ରା ସମ୍ପନ୍ନ ହୋଇଛି। ଦ୍ୱିତୀୟା ତିଥିରେ ନିଜ ଧାମ ଲେଢ଼ିମଙ୍ଗରେ ତିନି ଠାକୁର ରଥାରୂଢ଼ ହୋଇଥିବା ବେଳେ ଚତୁର୍ଥୀ ତିଥିରେ କୁମୁଟିମୁଣ୍ଡା ଗ୍ରାମରେ ରଥାରୂଢ଼ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଏଠାରେ ଛଅ ବର୍ଷ ତଳୁ ଏହି ଧାରା ଚାଲି ଆସିଛି। ପୂର୍ବରୁ କୁମୁଟିମୁଣ୍ଡା ଗ୍ରାମ ରାଜାଙ୍କ ଘରେ ତିନି ଠାକୁର ପୂଜା ପାଇଆସୁଥିଲେ। ପ୍ରତିବର୍ଷ ରଥଯାତ୍ରା ହୋଇ ଆସୁଥିଲା। ମାତ୍ର ପରବର୍ତ୍ତୀ ସମୟରେ ରାଜ ପରିବାର ତିନି ଠାକୁରଙ୍କୁ ଚିଲିକାର ଏକ ମନ୍ଦିରକୁ ହସ୍ତାନ୍ତର କରିବା ପରେ ଗ୍ରାମରେ ରଥଯାତ୍ରା ବନ୍ଦ ହୋଇଯାଇଥିଲା। ଫଳରେ ଗ୍ରାମବାସୀ ଲେଢ଼ିମଙ୍ଗ ମନ୍ଦିରରୁ ତିନି ଠାକୁରଙ୍କୁ ଆଣି ରଥଯାତ୍ରା ପାଳନ କରିବା ସହ ବାମନ ଦର୍ଶନର ପୁଣ୍ୟଲାଭ କରି ଆସୁଛନ୍ତି। ବୁଧବାର ଆୟୋଜିତ ରଥଯାତ୍ରାରେ ରାଜ ପରିବାରର ନରେନ୍ଦ୍ର ଶେଖର ଦେଓ, ନୟନ ଶେଖର ଦେଓ, ଆକାଶ ଶେଖର ଦେଓ ପ୍ରମୁଖ ଛେରାପହଁରା କରିଥିଲେ। ବିକି ସିଂ, ପଞ୍ଚାନନ ଶେଖର ଦେଓ, ଡିଲେଶ୍ୱର ନାଏକ, ସୁମିତ୍ର ନାଏକ, ପରମେଶ୍ୱର ବରିହା, ପୂଜାରୀ କୃପାସିନ୍ଧୁ ମିଶ୍ର, ସୂରଜ ମିଶ୍ର ପ୍ରମୁଖ ଯାତ୍ରା ଆୟୋଜନରେ ପ୍ରମୁଖ ଭୂମିକା ନିଭାଇଥିଲେ।





## ପିକ୍‌ଅପ୍-ବାଇକ ଧକ୍କା, ଆରୋହୀ ଗୁରୁତର

ବାଲିଶଙ୍କରା, ୧୦।୭ (ସମିସ): ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା ଲ୍ୟାମ୍ପସ ସମ୍ମୁଖରେ ପିକଅପ ଭ୍ୟାନ୍ ସହ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ପିକଅପ ଗାଡ଼ି ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ବିଦ୍ୟାଳୟରୁ ଚୋରି ଅଭିଯୋଗ

ବାଲିଶଙ୍କରା, ୧୦।୭ (ସମିସ): ତଳସରା ଥାନା ଅନ୍ତର୍ଗତ ଥାନାଶଙ୍କରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ପାଇଁ ରଖାଯାଇଥିବା ୫୦ କେଜି ଚାଉଳ, ୫ଟି ଫିନାଇଲ ବୋତଲ ଓ ୨ଟି ଚୌକି ଚୋରିକରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୁଲିସ ତଦନ୍ତ ଆରମ୍ଭ କରିଛି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିଶଙ୍କରା, ୧୦।୭ (ସମିସ): ବାଲିଶଙ୍କରା ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଖ୍ରିଷ୍ଟଫର ବାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଖ୍ରିଷ୍ଟଫର ବା, ସମ୍ମାନିତ ଅତିଥି ଭାବେ ମନୋଜ ଏକ୍କା, ବିଜୟ କୁମାର ନାଏକ, ସୁଗ୍ରୀବ ବାଘ, ବେଲି ସାଜଦା ଖାଲଖୋ, କ୍ଷିତୀଶ ଷଣ୍ଢ, ଉତ୍ତମ ତନ୍ତୀ, କିଶୋର କୁମାର ସା, ରୁଦ୍ରଚରଣ ଦାସ, ଜନସନ କୁଜୁର, ଧର୍ମେନ୍ଦ୍ର ଓଝା, କେଶବ ରଣା ଯୋଗଦେଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ବାର୍ଷିକ ପତ୍ରିକା ଉନ୍ମୋଚିତ




ସୁନ୍ଦରଗଡ଼, ୧୦।୭ (ସମିସ): ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ବାର୍ଷିକ ପତ୍ରିକା 'ଦି ଓଷ୍ଟ୍ରାକନ' ବୁଧବାର ବିଦ୍ୟାଳୟ ଅଧ୍ୟକ୍ଷା ହରିପ୍ରିୟା ପଟେଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଶିକ୍ଷକ ଦେବାଶିଷ ଦାସ, ଗୋପାଳ ପୁରୋହିତ, ଜ୍ୟୋସ୍ନାରାଣୀ ଦାସ ଓ କାଜଲ ଶର୍ମା ଉକ୍ତ ପତ୍ରିକାର ସମ୍ପାଦନା କରିଥିବା ବେଳେ ଶ୍ରୀମନ୍ତ ଦାସ ପ୍ରଚ୍ଛଦପଟ ଶିଳ୍ପୀ ରହିଛନ୍ତି। ଏଥିରେ ବିଦ୍ୟାଳୟର ବିଶେଷ ମୁହୂର୍ତ୍ତ, ଉଲ୍ଲେଖନୀୟ ସଫଳତା ସହ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଚିତ ଗଳ୍ପ, ଗୀତ, କିଛି ଜଣାଅଜଣା କଥା, କାହାଣୀ ଆଦି ୯୦ଟି ଲେଖା ସ୍ଥାନ ପାଇଛି। ବିଦ୍ୟାଳୟର କିଛି ଫଟୋ ଗ୍ୟାଲେରୀ ମଧ୍ୟ ରହିଛି। ସାହିତ୍ୟ ପ୍ରତି ଛାତ୍ରଛାତ୍ରୀଙ୍କ ରୁଚି ବଢ଼ାଇବା ଏବଂ ନିଜ ମନର କଥାକୁ ଲେଖା ମାଧ୍ୟମରେ ପ୍ରକାଶ କରିବା ପାଇଁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଉକ୍ତ ପତ୍ରିକା ପ୍ରସ୍ତୁତ କରାଯାଇଛି। ବିଦ୍ୟାଳୟର ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସମାରୋହରେ ମାଇକେଲ ଖାଲକୋ, ପ୍ରିୟଙ୍କା ଜେନା, ପ୍ରୀତି ପ୍ରସାଦ, ଅଶୋକ ପରିଡ଼ା, ସନ୍ତୋଷ ମହନ୍ତ, ସସ୍ମିତା ସାହୁ, ରାଜଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିଶଙ୍କରାରେ ରଥଯାତ୍ରା

ବାଲିଶଙ୍କରା, ୧୦।୭ (ସମିସ): ବାଲିଶଙ୍କରା ବ୍ଲକ ବାଲିଶଙ୍କରାରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି। ବାଲିଶଙ୍କରା ଜଗନ୍ନାଥ ମନ୍ଦିରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ପ୍ରଭୁ ବଳଭଦ୍ର, ଜଗନ୍ନାଥ ଓ ମା' ସୁଭଦ୍ରାଙ୍କୁ ରଥରେ ଟାଣି ନିଆଯାଇଥିଲା। ପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହିପରି ଘୋଘର, ତେଲିଯୋର, ଧୁଡ଼ିନୂଆଗାଁ, ଖମପୁର, ଗଇକନପାଲି, ଭାଟିପଡ଼ା, ଶାଗବାହାଲ, ତଳସରା ଆଦି ଗ୍ରାମ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ସମ୍ପନ୍ନ ହୋଇଛି।



**କୁତ୍ରା ଅଞ୍ଚଳରେ ବର୍ଷା ନାହିଁ**

# ମରୁଡ଼ି ଆଶଙ୍କା ନେଇ ଚିନ୍ତାରେ ଚାଷୀ



କୁତ୍ରା, ୧୦।୭ (ସମିସ): ଜୁନ ଯାଇ ଜୁଲାଇ ୧୦ ତାରିଖ ହେଲା, ହେଲେ ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଞ୍ଚଳରେ ଚାଷ ଉପଯୋଗୀ ବର୍ଷା ହୋଇ ନ ଥିବାରୁ ମରୁଡ଼ି ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ଚାଷୀ ଚିନ୍ତାଗ୍ରସ୍ତ ରହିଛନ୍ତି। ପ୍ରତିବର୍ଷ ଜୁଲାଇ ମାସ ବେଳକୁ କ୍ଷେତରେ ଧାନ ବଢ଼ିବାରେ ଲାଗିଥିବା ବେଳେ ଜୁଲାଇ ମଧ୍ୟ ଭାଗରେ ଚାଷୀ ରୁଆ ଓ ବେଉଷଣ କାର୍ଯ୍ୟରେ ଲାଗିପଡ଼ିଥାଏ। ହେଲେ ଏବର୍ଷ ଜୁଲାଇ ୧୦ ତାରିଖ ସୁଦ୍ଧା ଉପଯୁକ୍ତ ପରିମାଣର ବର୍ଷା ହୋଇ ନ ଥିବାରୁ ଧାନବୁଣା କାର୍ଯ୍ୟ ମଧ୍ୟ ଶେଷ ହୋଇନାହିଁ। ପହିଲା ଘେରରେ ପହିଲା ଗଜା ହେଉଥିବା ବେଳେ ଅନେକ ଚାଷୀ ପହ୍ଲା ପକାଇ ପାରିନାହାନ୍ତି। ବର୍ଷା ଅଭାବରୁ ବୁଣାଧାନ ଗଜା ମରୁଡ଼ି ପରିସ୍ଥିତିରେ ପହଞ୍ଚିଲାଣି। ଆଉ କିଛିଦିନ ବର୍ଷା ନ ହେଲେ ଗଜାମରୁଡ଼ି ହେବା ସୁନିଶ୍ଚିତ। ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଷ କାର୍ଯ୍ୟ ଠିକ ଭାବେ ଆଗେଇ ପାରି ନ ଥିବାରୁ ଏବର୍ଷ କୁତ୍ରା ଅଞ୍ଚଳରେ ମରୁଡ଼ି ସୁନିଶ୍ଚିତ ବୋଲି ଚାଷୀ ଆଲୋଚନା କରୁଛନ୍ତି। ଧାର କରଜ କରି ଚାଷକାମ ଆଗେଇ ନେଉଥିବା ଛୋଟ ଚାଷୀ ବର୍ଷା ଅଭାବରୁ ଚାପଗ୍ରସ୍ତ ରହୁଥିବା ଦେଖିବାକୁ ମିଳିଛି।

# ଡିଏଭି ପବ୍ଲିକ ସ୍କୁଲରେ ବନମହୋତ୍ସବ ସପ୍ତାହ ପାଳିତ

ସୁନ୍ଦରଗଡ଼, ୧୦।୭ (ସମିସ): ଲେଫ୍ରିପଡ଼ା ବ୍ଲକ ଛଟେନପାଲିସ୍ଥିତ ଏମସିଏଲର ଡିଏଭି. ପବ୍ଲିକ ସ୍କୁଲରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସମ୍ପର୍କିତ ସଚେତନତା ସୃଷ୍ଟି ଓ ଚାରାରୋପଣର ଗୁରୁତ୍ୱ ଉପଲବ୍ଧି କରାଇବା ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀମାନେ ନିଜକୁ ବୃକ୍ଷ ପରି ସୁସଜ୍ଜିତ କରି ବକ୍ତବ୍ୟ ରଖିଥିଲେ। ତୃତୀୟରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃକ୍ଷ ବଞ୍ଚାଅ ପୃଥିବୀ ବଞ୍ଚାଅ ଭାବ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ବୃକ୍ଷର ମାହାତ୍ମ୍ୟ ସମ୍ପର୍କରେ ସାରଗର୍ଭକ ଭାଷଣ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ଆସନ୍ତା ୧୨ ତାରିଖ ବନ ବିଭାଗ ଓ ଏମ୍‌ସିଏଲ୍ ଅଧିକାରୀଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ରହିଛି।



**● 'ସାର୍ଥକ'ରେ ସିଲେଇ ତାଲିମ କେନ୍ଦ୍ର ଶୁଭାରମ୍ଭ**

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ହେବେ ସ୍ୱାବଲମ୍ବୀ

ସୁନ୍ଦରଗଡ଼, ୧୦।୭ (ସମିସ): ଟାଙ୍ଗରପାଲି ବ୍ଲକ ବନ୍ଧପାଲିସ୍ଥିତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ 'ସାର୍ଥକ'ରେ ସିଲେଇ ଶିକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ ଏଠାରୁ ଶିକ୍ଷାଲାଭ କରିବା ପରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଯେପରି ସ୍ୱାବଲମ୍ବୀ ହୋଇପାରିବେ ଏହାକୁ ଦୃଷ୍ଟିରେ ରଖି ଆଗକୁ ଅନେକ କ୍ଷେତ୍ରରେ ପିଲାଙ୍କୁ ତାଲିମ ପ୍ରଦାନ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଥିବା କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ବିଦ୍ୟାଳୟକୁ ୧୩ଟି ସିଲେଇ ମେସିନ ପ୍ରଦାନ କରିଥିବାରୁ ଏଥିପାଇଁ ବିଦ୍ୟାଳୟ ତରଫରୁ ପ୍ରଧାନଶିକ୍ଷୟତ୍ରୀ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।





**ଟାଙ୍ଗରପାଲି ପଞ୍ଚାୟତ ସମିତି ବୈଠକ**

# ରାଜନୈତିକ ଭେଦଭାବ ଭୁଲି ବ୍ଲକର ବିକାଶ ପାଇଁ ଆହ୍ୱାନ

ସୁନ୍ଦରଗଡ଼, ୧୦।୭ (ସମିସ):

ଟାଙ୍ଗରପାଲି ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ବ୍ଲକ ସଭାଗୃହରେ ଆୟୋଜିତ ଏହି ବୈଠକରେ ପ୍ରଥମେ ନବ ନିର୍ବାଚିତ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ସିଂହ ଦଳଗତ ନିର୍ବିଶେଷରେ ସମସ୍ତେ ରାଜନୈତିକ ଭେଦଭାବ ଭୁଲି ଟାଙ୍ଗରପାଲି ବ୍ଲକର ଉନ୍ନତି ପାଇଁ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରତି କ୍ଷେତ୍ରରେ ବ୍ଲକକୁ ଶୀର୍ଷରେ ପହଞ୍ଚାଇବା ଦିଗରେ ସମସ୍ତ ବିଭାଗର ଅଧିକାରୀ ଓ ଜନ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ବିଡିଓ ଡ. ରଞ୍ଜିତ କୁମାର ମହାନ୍ତ ବ୍ଲକର ସର୍ବାଙ୍ଗୀନ ଉନ୍ନତି ପାଇଁ ଯଥାସମ୍ଭବ କାମ କରିବେ ବୋଲି କହିଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନ, ଗମନାଗମନ, ପାନୀୟଜଳ, ସାଧାରଣ ବଣ୍ଟନ, ପଶୁ ପାଳନ, ମତ୍ସ୍ୟପାଳନ, ବନୀକରଣ ଆଦି ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସମିତି ଅଧ୍ୟକ୍ଷା ତପସ୍ୱିନୀ ମାଝୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ (କ) ଜିଲ୍ଲା ପରିଷଦ ସଭ୍ୟା ଗେଲବତୀ ପଟେଲ, ବିଧାୟକ ପ୍ରତିନିଧି ନିତ୍ୟାନନ୍ଦ ପଟେଲ, ସାଂସଦ ପ୍ରତିନିଧି ରାଜକୁମାର ନାଏକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଏବିଡିଓ ଦମୟନ୍ତୀ ପଟେଲ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କାଳୀଦାସ ମାର୍ଣ୍ଡି, ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



■ ନୂଆପଡ଼ା-ବରଗଡ଼ ସୀମାନ୍ତରେ ବୀଭତ୍ସ ହତ୍ୟାକାଣ୍ଡ

# ଯୁବକଙ୍କ ତଣ୍ଟିକାଟି କାଦୁଅକୁ ଫିଙ୍ଗିଦେଲେ

**ନୂଆପଡ଼ା/ପାଇକମାଳ, ୧୦।୭ (ସମିସ)**

ନୂଆପଡ଼ା-ବରଗଡ଼ ସୀମାନ୍ତ ଏକ ଶାନ୍ତିପୂର୍ଣ୍ଣ ଜାଗା ହୋଇଥିବାବେଳେ ବର୍ତ୍ତମାନ ଦୁର୍ବୃତମାନେ ଜଣେ ଯୁବକଙ୍କ ତଣ୍ଟି କାଟି ବର୍ବରୋଚିତ ଭାବେ ହତ୍ୟା କରିବା ଭଳି ଛାତିଥରା ଘଟଣା ସମସ୍ତଙ୍କ ଆଖିରୁ ନିଦ ହଜାଇଦେଇଛି। ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୧୭କି.ମି ଦୂର ପଡ଼ୋଶୀ ବରଗଡ଼ ଜିଲ୍ଲା ପାଇକମାଳ ଥାନା ମାଣ୍ଡୋସିଲ ଗାଁର ପିଙ୍କୁ ସାହୁ(୩୨) ନାମକ ଜଣେ ଯୁବକଙ୍କୁ ମଙ୍ଗଳବାର ରାତିରେ ଦୁର୍ବୃତମାନେ ହତ୍ୟା କରି ଏକ ଧାନଖଳା ନିକଟରେ କାଦୁଅରେ ଫିଙ୍ଗିଦେଇଥିବା ଘଟଣା ଉଭୟ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ପୁଲିସ ମୃତଦେହକୁ ଜବତ କରିଥିବାବେଳେ କେଶ ନମ୍ବର ୧୬୭/୨୪ରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୯୧(୨), ୧୦୩(୧), ୧୯୦ ହତ୍ୟା ମାମଲା ରୁଜୁ କରିଛି। ମୃତଦେହକୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାରର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ ମୃତକ ପିଙ୍କୁ ଏବଂ ତାଙ୍କର ବାପା ନୂଆପଡ଼ା–ବରଗଡ଼ ରାସ୍ତାରେ ମାଣ୍ଡୋସିଲ ଗାଁ ଛକ ନିକଟରେ ଏକ ହୋଟେଲ କରି ଚଳୁଥିଲେ। ବିଜୁ ଏକ୍ସପ୍ରେସ ରାସ୍ତା ନିର୍ମାଣ ବେଳେ ହୋଟେଲ ଭାଙ୍ଗିଯିବାପରେ ସପରିବାର ନୂଆପଡ଼ା ଆସି ରହୁଥିଲେ। ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଜାତୀୟ ରାଜପଥ କଡ଼ରେ ଏକ ଛୋଟିଆ ଘରକୁ ଭଡ଼ାନେଇ ହୋଟେଲ ଆରମ୍ଭ କରିଥିଲେ। ଆଜିକୁ ଛଅମାସ ହେବ ହୋଟେଲକୁ ନେଇ ଚୁକ୍ତି ଶେଷ ହେବାପରେ ଛାଡ଼ି ଦେଇଥିଲେ। ଏହା ପରେ ପିଙ୍କୁ ନିଜ ଗାଁ ମାଣ୍ଡୋସିଲକୁ ଯାଆସ କରି ନୂଆପଡ଼ାରେ ରହୁଥିଲେ। ମଙ୍ଗଳବାର ପୂର୍ବାହ୍ଣରେ ଏକ କାର ଯୋଗେ ସାଙ୍ଗମାନଙ୍କ ସହ ଘରୁ ବାହାରିଥିବା ତାଙ୍କ ବାପା ରଘୁମଣି କହିଛନ୍ତି। ସଂଧ୍ୟା ୭ଟାବେଳେ ଶେଷ ଥର ପାଇଁ ପୁଅ ସହ ଫୋନରେ କଥା ହୋଇଥିବା କହିଛନ୍ତି। ରାତି ୯ଟାବେଳେ ଜାଣିବାକୁ ପାଇଲେ ଯେ ମାଣ୍ଡୋସିଲରୁ ଭୁତମୁଣ୍ଡା ନାଳ ନିକଟରେ ଥିବା ସରପଞ୍ଚଙ୍କ ଧାନଖଳା ନିକଟରେ କାର ଥୁଆ ହୋଇଥିବାବେଳେ ମୃତଦେହ ରକ୍ତାକ୍ତ ହୋଇପଡ଼ିରହିଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତ୍ରିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ପାଇକମାଳ ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଦେଇଥିଲା। ଘରୁ ଯିବା ସମୟରେ ଘର ନିର୍ମାଣ ବାବଦକୁ ଲେବର ପେମେଣ୍ଟ ଦେବାକୁ ଥିବା ୩/୪ଲକ୍ଷ ଟଙ୍କା ଧରି ଯାଇଥିବା ମୃତକଙ୍କ ବାପା ନୀଳମଣି କହିଛନ୍ତି। ଖବର ପାଇବାପରେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଲୋକାରଣ୍ୟ ପାଲଟିଯାଇଥିଲା। ଏଭଳି ନିର୍ମମ ହତ୍ୟାକାଣ୍ଡ ଏହି ଅଞ୍ଚଳରେ ଆଗରୁ କେବେ ହୋଇନଥିବାରୁ ଏହା ବାହାରୁ ଆସିଥିବା କୌଣସି ସୁପାରିକିଲରଙ୍କ କାରନାମା ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇଛି ଖୁବ ଶୀଘ୍ର ଅଭିଯୁକ୍ତମାନେ ସାମ୍ନାକୁ ଆସିଯିବେ ବୋଲି ଥାନାଧିକାରୀ ସୁଶାନ୍ତ କୁମାର ବଢ଼େଇ ସୂଚନା ଦେଇଛନ୍ତି।



# ଦୁଇ ବାଇକ୍ ମୁହାଁମୁହିଁ, ନବଦମ୍ପତିଙ୍କ ସମେତ ତିନି ଗୁରୁତର



**ସିନାପାଲି, ୧୦।୭ (ସମିସ):** ସିନାପାଲି ଥାନା ଅନ୍ତର୍ଗତ ଟିମନପୁର ନିକଟ ବିଜୁ ଏକ୍ସପ୍ରେସ ରାସ୍ତାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ତିନି ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ଏକ ନବଦମ୍ପତି ଥିବା ଜଣାପଡ଼ିଛି। ଉକ୍ତ ନବଦମ୍ପତି କୋମନା ଥାନା ଅନ୍ତର୍ଗତ ରେଙ୍ଗବାହାଲ ଗ୍ରାମର ଶ୍ରବଣ ସାହୁ (୨୫) ଓ ପତ୍ନୀ ନିହା ସାହୁ (୨୨) ଅଟନ୍ତି। ଅନ୍ୟ ଜଣେ ସିନାପାଲି ଥାନା ଘୁଚାଗୁଡା ଗ୍ରାମର ଭୀମସେନ ନାଗ (୧୮) ବୋଲି ଜଣାପଡ଼ିଛି। ଖବର ପାଇ ସିନାପାଲି ଦମକଳ ବାହିନୀ ୩ ଗୁରୁତରଙ୍କୁ ଉଦ୍ଧାର କରି ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ହେଲେ ନବଦମ୍ପତି ଉଭୟଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ସେହିଭଳି ଅନ୍ୟ ଜଣଙ୍କୁ ମଧ୍ୟ ନୂଆପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି। ପ୍ରାପ୍ତ ଖବର ଅନୁସାରେ ରେଙ୍ଗବାହାଲ ନିବାସୀ ନବଦମ୍ପତ୍ତି ଶ୍ୱଶୁର ଘର ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ମହରା ଗ୍ରାମକୁ ଯାଇ ଫେରୁଥିଲେ। ସେହିଭଳି ଘୁଚାଗୁଡା ନିବାସୀ ଭୀମସେନ ନାଗ ମଧ୍ୟ ନିଜ ଶ୍ୱଶୁର ଘର ବୋଡେନ ଆମଗୁଡା ଯାଇ ଫେରୁଥିବା ଜଣାପଡ଼ିଛି। ବାଇକ ଦ୍ୱୟ ମୁହାଁମୁହିଁ ଧକ୍କା। ହୋଇଥିବା ବେଳେ ଭୀମସେନ ଭୁଲ ରାସ୍ତାରେ ଆସୁଥିବାରୁ ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

**ଗୋଡ଼ ଭାଙ୍ଗିଲା**

# କେଉଟିପାଲି ଫେରିଘାଟ ରାସ୍ତା ଶୋଚନୀୟ

**ସୁବଲୟା, ୧୦।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ କେଉଟିପାଲି ଫେରି ଘାଟ ରାସ୍ତା ବର୍ତ୍ତମାନ ଅତି ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ଏହି ରାସ୍ତା ଉପରେ ବହୁ ଲୋକ ଯିବା ଆସିବା କରିଥାନ୍ତି। ଏହା ପିଡବ୍ଲୁଡି ରାସ୍ତାଠାରୁ କେଉଟିପାଲି ଗ୍ରାମକୁ ସଂଯୋଗ କରିଥାଏ। ଉକ୍ତ ରାସ୍ତାଟି ଶୋଚନୀୟ ଓ ବିପଦପୂର୍ଣ୍ଣ ହୋଇଥିବାରୁ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଜରୁରିକାଳୀନ ଗାଡ଼ି ଯିବା ଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ନଜର ରହିଛି। ମହାନଦୀ କୂଳରେ ଅବସ୍ଥିତ କେଉଟିପାଲି ଗ୍ରାମରେ ସରକାରୀ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ରହିଥିବା ବେଳେ ଗୋଟିଏ ୱାର୍ଡର ଜନବସତି ରହିଆସୁଛନ୍ତି। ଏହି ରାସ୍ତା ଶୋଚନୀୟ ହୋଇଥିବାରୁ ବିଭିନ୍ନ ସମୟରେ ଜରୁରିକାଳୀନ ଗାଡ଼ି ଉକ୍ତ ଗ୍ରାମକୁ ଯାଉ ନଥିବା ଗ୍ରାମବାସୀ କହିଛନ୍ତି। ଛାତ୍ରଛାତ୍ରୀମାନେ ଯିବା ଆସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାଯାଇଛି। ଉକ୍ତ ରାସ୍ତା ଦେଇ ବୌଦ୍ଧ, ବାଉଁଶୁଣି, ସାହାଜପାଲ, ତାଲେଶରଡା, ପଲଶପାଟ, କଙ୍କଳା, ଡମ୍ବୁରୁଗାଡ଼, ମାନେଶ୍ୱର ଓ ତେନ୍ତୁଲିପାଲି ପ୍ରଭୃତି ଗ୍ରାମକୁ ଲୋକେ ଯିବା ଆସିବା କରିଥାନ୍ତି। ସ୍ଥାନୀୟ ଗ୍ରାମବାସୀ ଉକ୍ତ ରାସ୍ତାକୁ ଆଗରୁ ଅନେକ ଥର ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ରାସ୍ତା ଉପରେ ମୁଠାଏ ମାଟି ପଡ଼ି ପାରିନାହିଁ। ଯାହା ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।





ବଲାଙ୍ଗିର ଡେଲି ମାର୍କେଟସ୍ଥିତ ରାମ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାମନ ପର୍ଶୁରାମ ବେଶ

# ଖଡ଼ିଆଳରୋଡ ରେଞ୍ଜ୍ ପକ୍ଷରୁ ବନ ମହୋତ୍ସବ

# ଜଳବାୟୁ ପରିବର୍ତ୍ତନ ପାଇଁ ଗଛ ଲଗାଇବା ଜରୁରୀ

**ନୂଆପଡ଼ା/ଖଡ଼ିଆଳରୋଡ଼, ୧୦।୭ (ସମିସ):** ଖଡ଼ିଆଳରୋଡ଼ ଫରେଷ୍ଟ ରେଞ୍ଜ ପକ୍ଷରୁ ସ୍ଥାନୀୟ ଗୋତମା ଛକ ନିକଟରେ ୭୫ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ରେଞ୍ଜର ରଞ୍ଜିତ ସିଂ ବାବୁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ବିଶେଷ ଅତିଥିଭାବେ ସିଆରପିଏଫ କମାଣ୍ଡାଣ୍ଟ ଏରିକ ଗିଲବର୍ଟ ଯୋସ, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ଯୋଗ ଦେଇଥିଲେ। ଏହି ଅବସରରେ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ସମୟରେ ଗଛ ଲଗାଇବାକୁ ବହୁ ଜରୁରୀ ହୋଇପଡ଼ିଛି। ପ୍ରତ୍ୟେକ ପରିବାର ସଚେତନ ହୋଇ ଗଛ ଲଗାଇବା ଉପରେ ପ୍ରାଧାନ୍ୟତା ଦେବା ଆବଶ୍ୟକ ହୋଇପଡ଼ିଛି ବୋଲି ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ସ୍ଥାନୀୟ ଗ୍ରାମବାସୀ, ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ମୂଲ୍ୟବାନ ଗଛଗୁଡ଼ିକର ଚାରା ବଣ୍ଟନ କରାଯାଇଥିଲା। ଏଥିରେ ବିଶେଷ କରି ଅବସରପ୍ରାପ୍ତ ଡାକ୍ତର, ଗୋତମା ଗ୍ରାମବାସୀ, ଗାଡି ଚାଳକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତି ପ୍ରେମୀ ମନୋଜ ଡାଗା, ଫରେଷ୍ଟର ବିନୋଦ ବିହାରୀ ନାଏକ, ଫରେଷ୍ଟ ଗାର୍ଡ ଜ୍ୟୋତ୍ସ୍ନା ଛତର, ସଂଯୁକ୍ତା ବାରିକ, ତପସ୍ୱିନୀ ସାଗର, ଜିତାମିତ୍ର ଭୋଇ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।




# ଠାକୁରଙ୍କ ବାମନ ଓ ପର୍ଶୁରାମ ବେଶ



**ସୋନପୁର, ୧୦।୭ (ସମିସ):** ଲୀଳା କ୍ଷେତ୍ର ସୁବର୍ଣ୍ଣପୁରର ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ବୁଧବାର ବାମନ ପର୍ଶୁରାମ ଅବତାରରେ ଦର୍ଶନ ଦେଇଛନ୍ତି। ଭଗବାନଙ୍କ ପଞ୍ଚମ ଓ ଷଷ୍ଠ ଅବତାର ହେଉଛି ବାମନ ଓ ପର୍ଶୁରାମ। ସେହିକ୍ରମରେ ଆଜି ଲୀଳାମୟ ଠାକୁର ବାମନ ଓ ପର୍ଶୁରାମ ଅବତାର ଧାରଣ କରି ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇଛନ୍ତି। ସେହିପରି ପ୍ରଭୁ ଦଧିବାମନ ମଧ୍ୟ ମଝିପଡ଼ା ରାମଜୀ ମନ୍ଦିର ଆଡ଼ପ ମଣ୍ଡପରେ ବାମନ ପର୍ଶୁରାମ ଅବତାର ଧାରଣ କରିଛନ୍ତି। ବୁଧବାର ପ୍ରଭୁ ବୃନ୍ଦାବନ ବିହାରୀଙ୍କ ବାମନ ବେଶ ଅନୁଷ୍ଠିତ ହୋଇଛି। ତେବେ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଠାକୁରଙ୍କୁ ଦର୍ଶନ କଲେ କୋଟି ଜନ୍ମର ଫଳ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ସେଥିପାଇଁ ଶ୍ରଦ୍ଧାଳୁ ମାନେ ଏହି ସମୟକୁ ଅପେକ୍ଷା କରି ରହିଥାନ୍ତି। ଏହି ଅବସରରେ ସନ୍ଧ୍ୟା ସମୟଠାରୁ ରାତ୍ରି ପର୍ଯ୍ୟନ୍ତ ପ୍ରତ୍ୟହ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭଜନ ପରିବେଷଣ କରାଯାଉଛି। ଭକ୍ତିମୟ ପରିବେଶ ଭିତରେ ଉତ୍ସାହ ଓ ଉଦ୍ଦୀପନା ସହ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରୁଛନ୍ତି ଭକ୍ତବୃନ୍ଦ। ରଥଯାତ୍ରା ପାଇଁ ଏହି ପବିତ୍ର ଦେବଭୂମି ଉତ୍ସବମୁଖର ହୋଇ ଉଠିଛି।

# ଦୁରେକେଲା ଅନ୍‌ଲାଇନ୍ ଦୋକାନରୁ ଚୋରି

**ଦୁରେକେଲା, ୧୦।୭ (ସମିସ):** ଦୁରେକେଲା ଏକ ଅନଲାଇନ ଦୋକାନ ଏବଂ କୁକୁଡ଼ା ଦୋକାନରୁ ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ଅନଲାଇନ୍ ଦୋକାନରୁ ୧୫ ହଜାର ୬୦୦ ଟଙ୍କା ସହ ଏକ ନୂଆ ପ୍ରିଣ୍ଟର ଚୋରି କରିବା ସହ କୁକୁଡ଼ା ଦୋକାନରୁ ୬ଟି କୁକୁଡ଼ା ଚୋରି କରିନେଇ ଯାଇଥିଲେ। ୩ ଜଣ ଦୁର୍ବୃତ୍ତ ଚୋରି କରିବା ସମୟରେ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଦେଖିବାକୁ ମିଳିଛି। ଦୋକାନୀଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ଆଧାରରେ ଦୁରେକେଲା ପୁଲିସ ତଦନ୍ତ ଜାରିରଖିଛି।

# ହାତୀବନ୍ଧାରେ ଆଡ଼ମ୍ବରରେ ରଥଯାତ୍ରା ପାଳିତ

**ହାତୀବନ୍ଧା, ୧୦।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳିତ ହୋଇଯାଇଛି। ବ୍ଲକର ଅନେକ ପବିତ୍ର ପୀଠ ହାତୀବନ୍ଧା, ଚଳନା, ଲିଆଡ଼, ପିଠାପଡ଼ା ପ୍ରଭୃତି ଗାଁରେ ରୀତିନୀତି ଓ ପରମ୍ପରା ଅନୁଯାୟୀ ରଥଯାତ୍ରା ପାଳିତ ହୋଇଯାଇଛି। ଛେରା ପହରା ଓ ପହଣ୍ଡି ବିଜେ କରାଯାଇ ରଥଟଣା ଆରମ୍ଭ କରାଯାଇଥିଲା। ପାଗ ଅନୁକୂଳ ଥିବାରୁ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ତିନି ଠାକୁର ମାଉସୀ ମା ମନ୍ଦିର ଯିବାଠାରୁ ଶ୍ରଦ୍ଧାଳୁମାନଙ୍କ ଭଜନ କୀର୍ତନରେ ଗାଁ ଓ ପବିତ୍ର ପୀଠ ଭକ୍ତଙ୍କ ମନରେ ଭକ୍ତିର ଭାବ ଦେଖିବାକୁ ମିଳିଛି।

# କୁଲିଆବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ

**ନୂଆପଡ଼ା, ୧୦।୭ (ସମିସ):** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଲିଆବନ୍ଧାଠାରେ ବନମହୋତ୍ସବ ପାଳିତ ହୋଇଯାଇଛି। ବନମହୋତ୍ସବ ପାଳନ ଅବସରରେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ସମ୍ମାନିତ ଅତିଥି ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ଲୋଭିତ ଶବର ମହୋଦୟ ପ୍ରମୁଖଙ୍କୁ ନୂତନଭାବେ ଗଠିତ ସ୍କୁଲ କ୍ୟାବିନେଟର ମନ୍ତ୍ରୀ ମଣ୍ଡଳ ଫୁଲ, ଚନ୍ଦନ ଦେଇ ପାଛୋଟି ଆଣିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା ସଭାପତିତ୍ୱରେ ଏବଂ ପ୍ରକୃତି ବନ୍ଧୁ ଶିକ୍ଷକ କିଶୋର କୁମାର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ ଅତିଥିଗଣ ଚାରା ରୋପଣ କରି ବନମହୋତ୍ସବ ପାଳନ, ବୃକ୍ଷ ରୋପଣର ଆବଶ୍ୟକତା ଏବଂ ସୁରକ୍ଷା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ବିଦ୍ୟାଳୟର ଶିକ୍ଷକ ରବିଶଙ୍କର ଭୋଇ, ଗୁଣସାଗର ଭୋଇ, ଲୀଲାବାଇ ଶବର, ଛବିଳ କୁମାର ନିଆଲ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା, ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଗଣ, ଛାତ୍ରଛାତ୍ରୀମାନେ ସକ୍ରିୟ ସହଯୋଗ କରିଥିଲେ। ପରିଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରବିଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରି ବିଦ୍ୟାଳୟର ବନମହୋତ୍ସବ ପାଳନ କାର୍ଯ୍ୟକ୍ରମର ସାଙ୍ଗ ଘୋଷଣା କରିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ଝୋଲପଥର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ଛାତରୁ ଖସୁଛି କଂକ୍ରିଟ୍, କର୍ତ୍ତୃପକ୍ଷଙ୍କ ନିଘା ନାହିଁ**

**ଖଡ଼ିଆଳ, ୧୦।୭ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଝୋଲପଥର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିପଦସଂକୁଳ ଅବସ୍ଥାରେ ରହିଛି। ଏଦିଗରେ ବାରମ୍ବାର ବ୍ଲକ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କର୍ତ୍ତୃପକ୍ଷ ନିଦାବିଷ୍ଟ ହୋଇ ବସି ରହିଛନ୍ତି। ବିଦ୍ୟାଳୟ ଛାତରୁ ଗତ ଶୁକ୍ରବାର ଦିନ ବଡ଼ ସିମେଣ୍ଟ କଂକ୍ରିଟ ଖଣ୍ଡ ଖସିଥିଲା। ହେଲେ ଛାତ୍ରଛାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହି ଦିନ ଛାତ୍ରଛାତ୍ରୀମାନେ ପ୍ରର୍ଥନା ସାରି କ୍ଲାସରୁମକୁ ଗଲାପରେ ବାରଣ୍ଡା ଛାତରୁ ଏକ ବିରାଟ କଂକ୍ରିଟ ଖଣ୍ଡ ଖସି ପଡ଼ିଥିଲା। ପୁଣି ୩/୪ଘଣ୍ଟା ପରେ ଆଉଏକ ବିରାଟ କଂକ୍ରିଟ ଖଣ୍ଡ ଖସି ପଡ଼ିଥିଲା। ପ୍ରଧାନଶିକ୍ଷକ ଏ ସମ୍ପର୍କରେ ତୁରନ୍ତ ବ୍ଲକ ଶିକ୍ଷାଧିକାରୀ ଓ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇଥିଲେ। ଗତ ଶନିବାର ଦିନ ସିଆରସିସି ଓ ସରପଞ୍ଚ ଘଟଣାସ୍ଥଳ ପରିଦର୍ଶନ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ନିଆ ଯାଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଉପରେ ଜିଲ୍ଲା କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି ହେଉଛି।



# ମାସେ ହେଲାଣି ଷ୍ଟେଟ୍‌ବ୍ୟାଙ୍କରେ ନାହାନ୍ତି ଶାଖା ପରିଚାଳକ




**କୋମନା, ୧୦।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକଙ୍କ ବଦଳି ହେବା ପରେ ବର୍ତ୍ତମାନ ଖାଲି ପଡ଼ିଛି ମ୍ୟାନେଜର ପଦବୀ। ଯାହାଦ୍ୱାରା ବ୍ୟାଙ୍କର ଗ୍ରାହକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ ଗତ ଏକ ମାସ ପୂର୍ବରୁ ତତ୍କାଳୀନ ବିଏମଙ୍କ ଅନ୍ୟତ୍ର ବଦଳୀ ହୋଇଛିଯାଇଛି। କିନ୍ତୁ ଆଜିଯାଏଁ ନୂତନ ବିଏମଙ୍କ ନିଯୁକ୍ତି ହୋଇନଥିବାରୁ ଦୂର ଦୁରାନ୍ତରୁ ଆସୁଥିବା ଗ୍ରାହକ ଠିକ ସମୟରେ ନିଜ କାର୍ଯ୍ୟ ଶେଷ କରିପାରୁନାହାଁନ୍ତି। ବିଶେଷ କରି ସୁନାବେଡ଼ା ଭଳି ଦୁର୍ଗମ ଅଞ୍ଚଳରୁ ଗ୍ରାହକ ଆସି ନିରାଶ ହୋଇ ଫେରୁଛନ୍ତି। ଏଣୁ ଗ୍ରାହକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର କୋମନା ଶାଖାକୁ ବ୍ୟାଙ୍କ ମ୍ୟାନେଜର ଦେବାକୁ ଆର.ଏମଙ୍କୁ ଅଞ୍ଚଳବାସୀ ଗଣମାଧ୍ୟମ ଜରିଆରେ ଦାବୀ କରିଛନ୍ତି।

**ଗ୍ରାହକ ହେଉଛନ୍ତି ହଇରାଣ**

# ନାହିଁ ନାହିଁରେ ଚାଲିଛି ସ୍ୱାସ୍ଥ୍ୟସେବା

**ହନ୍ତସନ୍ତ ହେଉଛନ୍ତି ରୋଗୀ ଓ ସମ୍ପର୍କୀୟ**

**ସିନାପାଲି/ହାତୀବନ୍ଧା, ୧୦।୭ (ସମିସ)**



ସିନାପାଲି ବ୍ଲକ ହାତୀବନ୍ଧା ଆରୋଗ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ହେଉଛି ଅନେକ ଗରିବ ଅସହାୟଙ୍କ ସାହା ଓ ଭରସା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୧୦ ହଜାର ଲୋକେ ନିର୍ଭର କରନ୍ତି। ବର୍ତ୍ତମାନ ଏହି ଆରୋଗ୍ୟ କେନ୍ଦ୍ର ରୁଗ୍ଣ ଭାବରେ ପଡ଼ିଥିବାରୁ ଲୋକେ ଠିକ ଭାବରେ ଚିକିତ୍ସା ସେବା ପାଇପାରୁ ନାହାଁନ୍ତି। ଗ୍ରାମାଞ୍ଚଳରୁ ରୋଗୀ ଓ ସମ୍ପର୍କୀୟମାନେ ଆସୁଥିଲେ ମଧ୍ୟ ତାଙ୍କ ପାଇଁ ପ୍ରତୀକ୍ଷା ସ୍ଥାନ ନାହିଁ। ଫଳରେ ଲୋକେ ହଇରାଣ ହରକତ ହେଉଥିବା ଅନେକ ସମୟରେ ଦେଖିବାକୁ ମିଳୁଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ପ୍ରତି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ହେଲେ ସିନାପାଲି ବ୍ଲକରେ ତାହା ବାଟ ବଣା ହେଉଥିବା ଅଭିଯୋଗ ହେଉଛି। ଯାହାର ଶିକାର ହେଉଛନ୍ତି ଗରିବ ଶ୍ରେଣୀର ଲୋକେ। ଏଠାରେ ମାସକୁ ଦୁଇ ତିନି ଥର ଆଶା ଓ ଏଏନଏମମାନଙ୍କ ମାସିକ ବୈଠକ ହୋଇଥାଏ। ବୈଠକ ପାଇଁ କୋଠରୀ ନ ଥିବାରୁ ନୋଡାଲ ସ୍କୁଲ ଗୃହ କିମ୍ବା ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ବାରଣ୍ଡାରେ ମାସିକ ବୈଠକ କରିବାକୁ ପଡୁଛି। ଦୁଃଖର ବିଷୟ ଯେ, ଗରିବ ପରିବାରର ଲୋକେ ଏଠାରେ ସଠିକ ଚିକିତ୍ସା ସେବା ନପାଇ ଦୂର ଦୁରାନ୍ତକୁ ଯାଇ ଖର୍ଚ୍ଚାନ୍ତ ହେଉଥିବା ଦେଖାଯାଉଛି। ଏହା ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ବଡ଼ବାଙ୍କୀରେ 'ଏକ ପେଡ୍ ମା'କେ ନାମ୍' କାର୍ଯ୍ୟକ୍ରମ

**ଦୁରେକେଲା, ୧୦।୭ (ସମିସ):** ବଲାଙ୍ଗିର ଜିଲ୍ଲାର ଉପାନ୍ତ ମାଓପ୍ରବଣ ଦୁରେକେଲା ବ୍ଲକ ବଡ଼ବାଙ୍କି ପଞ୍ଚାୟତ ପରିସରରେ ମୁଖ୍ୟମନ୍ତ୍ରୀଙ୍କର ଏକ ପେଡ୍ ମା' କେ ନାମ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥିଭାବେ ଟିଟିଲାଗଡ଼ ଉପ ଜିଲ୍ଲାପାଳ ରିହାନ ଖତ୍ରି, ଦୁରେକେଲା ବିଡିଓ ଶଙ୍କର୍ଷଣ ବେହେରା, ବଡ଼ବାଙ୍କୀ ସରପଞ୍ଚ ଦୁଲାଧର ବାଗ ପ୍ରମୁଖ ମଞ୍ଚାସିନ ଥିବା ବେଳେ ଦୁରେକେଲା ବ୍ଲକ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଶତାଧିକ ମହିଳା ଉପସ୍ଥିତ ଥିଲେ। ବଡ଼ବାଙ୍କି ଜିପିଏଲଫ ସଭାପତି ପଦ୍ମିନୀ ସରାଫ ଅତିଥିଙ୍କୁ ସମ୍ମାନିତ କରିଥିଲେ।




# ହଜ୍ ଫେରନ୍ତା ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଟିଟିଲାଗଡ଼, ୧୦।୭ (ସମିସ):** ଟିଟିଲାଗଡ଼ ମୁସଲିମ ସମ୍ପ୍ରଦାୟରୁ ଚଳିତବର୍ଷ ୧୧ ଜଣ ମକ୍କାକୁ ହଜ୍‌ଯାତ୍ରା କରିଥିଲେ। ମଙ୍ଗଳବାର ଏହି ହଜ୍‌ଯାତ୍ରୀମାନେ ଟିଟିଲାଗଡ଼ ଫେରିଛନ୍ତି। ଏହି ଅବସରରେ ସ୍ଥାନୀୟ ମୁସଲିମ ଜମାତ ଦ୍ୱାରା ସମସ୍ତ ହଜ୍ ତୀର୍ଥ ଯାତ୍ରୀଙ୍କୁ ରେଳଷ୍ଟେସନରେ ସ୍ୱାଗତ କରାଯାଇଥିଲା। ହଜ୍ ଫେରନ୍ତା ତୀର୍ଥଯାତ୍ରୀଙ୍କ ମଧ୍ୟରେ ଆଇନଜୀବୀ ଏମ୍‌ଡି ମୁମତାଜ ଖାନ, ସଲ୍ମା ଖାନ, ମୁସ୍ତାକ ଖାନ, ଏ ଜୌହର, ଏମ୍ ସୁଲତାନା, ଏଲ୍‌ଖାନ, ଏସ୍ ନିଗାର, ଏ.ଯବ୍ବାର ଓ ଜମିଲା ଖାତୁନ ପ୍ରମୁଖ ରହିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏମ୍‌ଡି ଅବାସ ଖାନ, ଇ.ଆର୍ ଅସଫାକ ଖାନ, ଅହମଦ ଅଲ୍ଲୀ, ନାଜ୍ ପରବିନ୍, ଆୟେଶା ଖାନ ପ୍ରମୁଖଙ୍କ ସହ ବହୁ ମୁସଲମାନ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ଠିକା କର୍ମଚାରୀ ମୃତ

**ଧରାକୋଟ,୧୦।୭(ସମିସ):** ଧରାକୋଟ ଥାନା ଅନ୍ତର୍ଗତ ହାତୀଖାଲ ବାଉରୀ ସାହିରେ ବୁଧବାର ଜଣେ ଠିକା ବିଦ୍ୟୁତ କର୍ମଚାରୀଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଆସିକା ନିକଟସ୍ଥ ପାଣ୍ଡିଆ ପଥର ଗାଁର ଗୌରଚନ୍ଦ୍ର ବେହେରା(୩୮) । ପୁଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାନୁସାରେ ହାତୀଖାଲ ବାଉରି ସାହିରେ ଜଣେ ଗ୍ରାହକଙ୍କ ଘରୋଇ ସଂଯୋଗରେ ତ୍ରୁଟି ଥିଲା। ସମ୍ପୃକ୍ତ ଗ୍ରାହକ ଜଣକ ଅଭିଯୋଗ କରିବାରୁ ଗୌରଚନ୍ଦ୍ର ଖୁଣ୍ଟରେ ଚଢ଼ି ମରାମତି କରୁଥିଲେ। ଏତିକିବେଳେ ଅଚାନକ ବିଦ୍ୟୁତ ଆଘାତ ଲାଗି ଗୁରୁତର ହୋଇଥିଲେ। ତାଙ୍କୁ ସହଯୋଗୀ କର୍ମଚାରୀ ମାନେ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ବିଦ୍ୟୁତ ଠିକା କର୍ମଚାରୀ ସଂଘ ଏବଂ ମୃତକଙ୍କ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆସିକା ଥାନା ଅଧିକାରୀ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଧରାକୋଟ ଥାନା ଏସଆଇ ବାଲ୍ମିକୀ ପ୍ରଧାନ, ଏଏସଆଇ ଅଭିମନ୍ୟୁ ପାଣ୍ଡେ, ପାଣ୍ଡିଆ ପଥର ସରପଞ୍ଚ ନୀଳାଞ୍ଚଳ ଗୌଡ଼, ଜିଲ୍ଲା ପରିଷଦ ସଦସ୍ୟ ବି. ମନୋଜ କୁମାର ଦୋରା, ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ଆଦିତ୍ୟ ସାହୁ, ଧରାକୋଟ କନିଷ୍ଠ ଯନ୍ତ୍ରୀ ତୁଷାର ପାଢ଼ୀ, ଠିକା କର୍ମଚାରୀ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କମ୍ପାନୀ ତରଫରୁ ମୃତକଙ୍କ ପରିବାରକୁ ଏକ ଲକ୍ଷ ଟଙ୍କାର କ୍ଷତିପୂରଣ ଅର୍ଥ ପ୍ରଦାନ ସହ ତୁରନ୍ତ ବୀମା ରାଶି ପ୍ରଦାନ ଏବଂ ଅନ୍ୟାନ୍ୟ ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏନେଇ ଧରାକୋଟ ଥାନାରେ ୧୦/୨୪ ପ୍ରକାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ମହିଳା କଲେଜରେ ବନ ମହୋତ୍ସବ



ବୁଗୁଡା,୧୦।୭(ସମିସ): ସ୍ଥାନୀୟ ଶ୍ରୀବଳଦେବଜୀଉ ମହିଳା ମହାବିଦ୍ୟାଳୟ ପକ୍ଷରୁ ୭୫ତମ ବନମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ଯୋଗଦେଇ ମହାବିଦ୍ୟାଳୟ ସମସ୍ତ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହଯୋଗରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ବୃକ୍ଷରୋପଣ ପରେ ବନାଞ୍ଚଳ ଅଧିକାରୀ ପ୍ରଧାନମନ୍ତ୍ରୀଙ୍କ ନାରା "ମାଆ ପାଇଁ ଗଛଟିଏ'ର ଯଥାର୍ଥତା ସମ୍ପର୍କେ ଆଲୋକପାତ କରିଥିଲେ। ଏହି ଅବସରରେ ଗଛ ଲଗାଇ ସବୁଜ ପରିବେଶ ସୃଷ୍ଟି ପାଇଁ ସଙ୍କଳ୍ପବଦ୍ଧ ସମସ୍ତ ଛାତ୍ରୀଙ୍କୁ ବନ ବିଭାଗ ପକ୍ଷରୁ ବିଭିନ୍ନ ଚାରା ବଣ୍ଟନ କରାଯାଇଥିଲା। ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ ଥିଲେ।

## ସବୁଜ ଜାଗରଣ କାର୍ଯ୍ୟକ୍ରମ



**ଭଞ୍ଜନଗର,୧୦।୭(ସମିସ):** ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ପୌରହିତ୍ୟରେ କେନ୍ଦ୍ରୀୟ ବନାଞ୍ଚଳ ଅଧିନସ୍ଥ କାଳିଆମ୍ବା ମାଳି ଚାଞ୍ଚରା ନୂତନ ବନିକରଣ ନିକଟରେ କଣ୍ଟେଇପଲ୍ଲୀ ବନସୁରକ୍ଷା ସମିତିର ସଭାପତି, ସଭ୍ୟ ସଭ୍ୟା, ବିଦ୍ୟାଳୟ ଛାତ୍ର,ଛାତ୍ରୀ, ଶିକ୍ଷୟିତ୍ରୀ, ସମସ୍ତ ବନପାଳ, ବନରକ୍ଷୀ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ସଂଯୋଜକ, ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମଚାରୀ, ସ୍କ୍ୱାର୍ଡ ଏବଂ ଫିଚର ମାନଙ୍କୁ ନେଇ ଏକ ବୃକ୍ଷରୋପଣ ତଥା ଗୋଟିଏ ଗଛ ଲଗାଇବା ମା'ଙ୍କ ନାମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ସନ୍ତୋଷ କୁମାର ଡାକୁଆ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ସନ୍ତୋଷ ପାତ୍ର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ବୃକ୍ଷରୋପଣ ସମ୍ପର୍କରେ ପ୍ରଶ୍ନୋତ୍ତର କରି ସଠିକ ଉତ୍ତରଦାତାଙ୍କୁ ପୁରସ୍କୃତ କରିଥିଲେ।

**ମାର୍କେଟ ସାମ୍ନାରେ ବସଷ୍ଟାଣ୍ଡ ନିର୍ମାଣ**

# ପରିବା ବ୍ୟବସାୟୀ ସଂଘର ବିରୋଧ

ପୋଲସରା,୧୦।୭(ସମିସ)

ପରିବା ବଜାରକୁ ଅବରୋଧ କରି ବସଷ୍ଟାଣ୍ଡ ନିର୍ମାଣ ପାଇଁ ଠିକା ଦେବା ଘଟଣାରେ ସ୍ଥାନୀୟ ବାଲୁକେଶ୍ୱର ପରିବା ବ୍ୟବସାୟୀ ସଂଘ ପକ୍ଷରୁ ବିରୋଧ କରାଯାଇଛି। ପରିବା ବ୍ୟବସାୟୀ ସଂଘର ସଭାପତି ମହେଶ୍ୱର ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ ପୂର୍ବରୁ ଏଠାରେ ପରିବା ବଜାର ସ୍ଥାନ ଅତ୍ୟନ୍ତ ସଂକୀର୍ଣ୍ଣ ଥିବାରୁ ପରିବା ବ୍ୟବସାୟୀଙ୍କୁ ସ୍ଥାନାଭାବ ହେଉଥିଲା। ଫଳରେ ପରିବା ବ୍ୟବସାୟୀ ମାନେ ବିକ୍ଷିପ୍ତ ଭାବରେ ନିଜ ଉଦ୍ୟମରେ ଘର ନିର୍ମାଣ କରି ନିଜ ନିଜର ବ୍ୟବସାୟ ଚଳାଇ ଆସୁଥିଲେ। ମାତ୍ର ୨୦୦୫ରେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପରିଷଦ କାର୍ଯ୍ୟାଳୟ ପଛପଟେ ପରିବା ବଜାର ପାଇଁ ସ୍ଥାନର ବ୍ୟବସ୍ଥା କରାଯାଇ ସେଠାରେ ପରିବା ବ୍ୟବସାୟ କରିବା ପାଇଁ ସେମାନଙ୍କୁ ବାଧ କରାଯାଇଥିଲା। ତେବେ ବଜାର ମଧ୍ୟକୁ ପରିବା ବୋଝେଇ ଟ୍ରକ ପ୍ରଭୃତି ଯିବା ପାଇଁ ଉପଯୁକ୍ତ ରାସ୍ତା ନଥିବାରୁ ବ୍ୟବସାୟୀ ମାନେ ପ୍ରସ୍ତାବିତ ସ୍ଥାନରେ ବ୍ୟବସାୟ କରିବା ପାଇଁ ରାଜି ହୋଇନଥିଲେ। ପରିଷଦ



କର୍ତ୍ତୃପକ୍ଷ ଏହି ଅସୁବିଧାକୁ ହୃଦୟଙ୍ଗମ କରିବା ପରେ ଜବରଦଖଲ ଉଚ୍ଛେଦ କରି ରାସ୍ତା ନିର୍ମାଣ କରିବା ପରେ ପରିଷଦର ସର୍ତ୍ତ ଅନୁସାରେ ପରିବା ବ୍ୟବସାୟୀ ନିଜସ୍ୱ ପାଣ୍ଠିରେ ଗୃହ ନିର୍ମାଣ କରି ବ୍ୟବସାୟ କରିଥିଲେ। ଏଥିସହ ଜାଗା ସମ୍ବନ୍ଧକୁ ପରିଷଦରେ ଅଗ୍ରିମ ଅର୍ଥ ଜମା କରିଥିଲେ। ଏଥିପାଇଁ ପ୍ରତି ମାସରେ ପରିଷଦକୁ ନିୟମିତ ଭାବେ ଭଡ଼ା ମଧ୍ୟ ଦେଇ ଆସୁଛନ୍ତି। ଏହା ସତ୍ତ୍ୱେ ପରିଷଦ କାର୍ଯ୍ୟାଳୟକୁ ଲାଗି ରହିଥିବା ବସଷ୍ଟାଣ୍ଡର ସଂପ୍ରସାରଣ ଆବଶ୍ୟକ ହେବାରୁ ପରିଷଦର ଅନୁରୋଧ କ୍ରମେ ପରିବା ବଜାର ଚାଲିଥିବା ଜମିକୁ ରାଜସ୍ୱ ବିଭାଗ ପକ୍ଷରୁ ରାଜ୍ୟ ପରିବହନ ବିଭାଗକୁ ହସ୍ତାନ୍ତର କରି ଦିଆ ଯିବାପରେ ଓଡ଼ିଶା ଷ୍ଟେଟ ପୋଲିସ ହାଉସିଙ୍ଗ୍ ୱେଲଫେୟାର କର୍ପୋରେସନ ଲିମିଟେଡକୁ ୫,୮୯,୪୬,୫୩୭ ଟଙ୍କା ବ୍ୟୟରେ ବସଷ୍ଟାଣ୍ଡ ନିର୍ମାଣ ଦାୟିତ୍ୱ ପ୍ରଦାନ କରାଯାଇଛି। ମାତ୍ର ବସଷ୍ଟାଣ୍ଡ ନିର୍ମାଣ ସକାଶେ ଯେଭଳି ଭାବରେ ନକ୍ସା କରାଯାଇଛି ସେମିତି ନିର୍ମାଣ କରାଗଲେ ପରିବା ବଜାରକୁ ଲାଗିଥିବା ଦୁଇଟି ଯାକ ରାସ୍ତା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ। ଫଳରେ ଟ୍ରକ ଓ ଅନ୍ୟାନ୍ୟ ଯାନ ଯାଇ ପାରିବନି। ଏହା ଦ୍ୱାରା ପରିବା ବଜାର ମଧ୍ୟରେ ବ୍ୟବସାୟ କରୁଥିବା ୧୨ ଜଣ ପାଇକାରି ବ୍ୟବସାୟୀଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ଖୁଚୁରା ପରିବା ବ୍ୟବସାୟୀ ନିଜ ନିଜର ଜୀବିକା ହରାଇବେ। ଏହା ବ୍ୟତୀତ ପରିଷଦର ନାଗରିକ ମାନେ ମଧ୍ୟ ପରିବା କିଣିବାରେ ଅସୁବିଧାର ସମ୍ମୁଖୀନ ହେବେ। ଏଣୁ ବାଲୁଙ୍କେଶ୍ୱର ପରିବା ବ୍ୟବସାୟୀ ସଂଘ ପକ୍ଷରୁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଳିକ, ଆସିକା ସାଂସଦ ଅନିତା ଶୁଭଦର୍ଶିନି ପଟ୍ଟନାୟକ, ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରି, ସ୍ଥାନୀୟ ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରତିକାର ଦାବି କରିଛନ୍ତି। ଅନ୍ୟଥା ପରିବା ବ୍ୟବସାୟୀ ମାନେ ଆଇନ ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ଏହି କାରଣରୁ ଗତ ମାର୍ଚ୍ଚ ମାସରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଥିବା ବସଷ୍ଟାଣ୍ଡ ନିର୍ମାଣ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇ ପାରିନି। ଏଣୁ ଗଞ୍ଜାମ ଜିଲ୍ଲାପାଳ ଓ ରାଜ୍ୟ ପରିବହନ ମନ୍ତ୍ରୀ ଏଥି ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ମେଧାବୃତ୍ତି ପରୀକ୍ଷା ଦେଲେ ୨୪୯ ଛାତ୍ରଛାତ୍ରୀ



**ବୁଗୁଡ଼ା,୧୦।୭(ସମିସ):** ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ଏବଂ ଶ୍ରୀବିରଞ୍ଚି ନାରାୟଣ ବାଳିକା ଉଚ୍ଚବିଦ୍ୟାଳୟରେ ବୁଧବାର ୨୦୨୩-୨୪ ଶିକ୍ଷାବର୍ଷର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବୁଗୁଡା ବ୍ଲକ ଓ ଏନ୍ଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ମୋଟ ୨୪୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲା ବେଳେ ସେଥି ମଧ୍ୟରୁ ଷଷ୍ଠ ଶ୍ରେଣୀ (ଷ୍ଟେଜ୍-୧)ର ୧୨୧ ଜଣ ଏବଂ ନବମ ଶ୍ରେଣୀ (ଷ୍ଟେଜ୍-୨)ର ୧୨୮ ଜଣ ଛାତ୍ରଛାତ୍ରୀ ରହିଥିଲେ। ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ଷ୍ଟେଜ୍-୧ର ୫୫ ଜଣ ଏବଂ ଷ୍ଟେଜ୍-୨ର ୬୩ ମୋଟ ୧୧୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଧାନ ଶିକ୍ଷକ କାଳୀଚରଣ ବେହେରା ସୁପରିଟେଣ୍ଡେଣ୍ଟ୍ ଏବଂ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ଡେପୁଟି ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଶ୍ରୀବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଷ୍ଟେଜ୍-୧ର ୬୬ ଜଣ ଓଷ୍ଟେଜ୍-୨ର ୬୫ ଜଣ ହିସାବରେ ମୋଟ ୧୩୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା ସୁପରିଟେଣ୍ଡେଣ୍ଟ ଏବଂ ସହକାରୀ ଶିକ୍ଷକ ୟୁ. ରବି କୁମାର ଡେପୁଟି ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ରହିଥିଲେ। ବିଇଓ ଚିନ୍ମୟ ମହାପାତ୍ର ଉଭୟ କେନ୍ଦ୍ରକୁ ପର୍ଯ୍ୟବେକ୍ଷଣ କରିଥିବାବେଳେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।

## ବିଧାୟକଙ୍କ ଅଭିଯୋଗ ଶୁଣାଣି



**କୁକୁଡାଖଣ୍ଡି,୧୦।୭(ସମିସ):** ଚଳିତ ବର୍ଷ ବିଧାନସଭା ନିର୍ବାଚନରେ ବିଜୟୀ ପରେ ଦିଗପହଣ୍ଡି ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ମୌଳିକ ସମସ୍ୟା ସହ ବ୍ୟକ୍ତିଗତ ସମସ୍ୟାର ଅଭିଯୋଗ ଶୁଣୁଛନ୍ତି ଦିଗପହଣ୍ଡି ବିଧାୟକ ଡଃ. ସିଦ୍ଧାନ୍ତ ମହାପାତ୍ର। ବୁଧବାର ସେ କୁକୁଡାଖଣ୍ଡି ବ୍ଲକର ବାଘଲଟୀ ପଞ୍ଚାୟତର ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ବାଘଲଟୀ ପଞ୍ଚାୟତ ଅଧିନରେ ଥିବା ୪ରୁ ଉର୍ଦ୍ଧ୍ୱ ଗ୍ରାମର ୩୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ରହିଥିବା ଜଣାପଡିଛି। ସେଥି ମଧ୍ୟରୁ ବାଘଲଟୀ, ବଡ଼ କୁସୁମି, ମନହରା, ମଦନମୋହନପୁରୁ, ସାନ କୁସୁମି ଗ୍ରାମର ବହୁ ଚାଷୀ ଜଳାଭାବ କାରଣରୁ ଚାଷ କାର୍ଯ୍ୟ ପ୍ରଭାବିତ ହେଉଥିବା ନେଇ ଅଭିଯୋଗ କରିବା ସହ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ସେହିପରି ଆବାସ ଯୋଜନା ଗରିବଙ୍କ ଠାରେ ପହଞ୍ଚାଇବାକୁ ସ୍ଥିର କରିଥିଲେ। ଜନସାଧାରଣ ନିଜ ନିଜ ଅଭିଯୋଗ ଏକ ଦରଖାସ୍ତ ଲେଖି ବିଧାୟକଙ୍କୁ ଦେବା ସହ ରହିଥିବା ବିଭିନ୍ନ ସମସ୍ୟା ଗୁଡିକ ଖୁବ୍ ଶୀଘ୍ର ସମାଧାନ ହେବ ବୋଲି ଶ୍ରୀ ମହାପାତ୍ର ସାଧାରଣ ଜନତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ପୂର୍ବତନ ସରପଞ୍ଚ ସନାତନ ସଂଗ୍ରାମ ସିଂ, ସମିତିସଭ୍ୟ ସାରଥୀ ଗୌଡ଼, ଯତୀନ୍ଦ୍ର ପାତ୍ର, ରଜତ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଉପସ୍ଥିତ ଥିଲେ।

## ସନାତନ ଧର୍ମକୁ ଫେରିଲେ ପରିବାର

**ବାଲିଗୁଡ଼ା,୧୦।୭(ସମିସ):** କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ଧର୍ମପରିବର୍ତ୍ତନ ବଢିବାରେ ଲାଗିଥିବା ବେଳେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ବାଲିଗୁଡା ସହରର ନୂଆସାହି ଅନ୍ତର୍ଗତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଏକ ଶୁଦ୍ଧି ସଂସ୍କାର ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ ଦାରିଙ୍ଗବାଡି ବ୍ଲକ ଦାସିଙ୍ଗବାଡି ଗ୍ରାମର ଗୋଟିଏ ପରିବାର ନିଜସ୍ୱ ଇଚ୍ଛାରେ ଏକ ନିର୍ଦ୍ଦିଷ୍ଟ ଧର୍ମକୁ ପରିତ୍ୟାଗ କରି ସନାତନ ଧର୍ମ ଗ୍ରହଣ କରିଛନ୍ତି। ଏହି ଶୁଦ୍ଧି ସଂସ୍କାର ମହାଯଜ୍ଞରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ହୋଇଥିଲା।

## କଚ୍ଛପ ଅବତାରରେ ଦର୍ଶନ ଦେଲେ ମହାପ୍ରଭୁ



**ଜି.ଉଦୟଗିରି,୧୦।୭(ସମିସ):** ରଥଯାତ୍ରାରେ ଆସି ଆଡପ ମଣ୍ଡପରେ ପୂଜା ପାଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ନବ ଦିନାତ୍ମକ ଯାତ୍ରାରେ ବାହାରି ବିଭିନ୍ନ ବେଶରେ ମହାପ୍ରଭୁ ଭକ୍ତଙ୍କୁ ଦେଇଥାନ୍ତି ଦର୍ଶନ । ଏହି କ୍ରମରେ ବୁଧବାର କଚ୍ଛପ ବେଶରେ ଦେଇଛନ୍ତି ଦର୍ଶନ। ଆଡପ ମଣ୍ଡପରେ ମହାପ୍ରଭୁ ଦର୍ଶନ କରିବାରେ ସ୍ୱତନ୍ତ୍ର ମହିମା ରହିଥିବା ବେଳେ ଠାକୁରଙ୍କୁ ଦର୍ଶନ କରିବାକୁ ଭକ୍ତ ଭିଡ ଜମିଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ କମିଟି ତରଫରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ଏଥିରେ କମିଟି ତରଫରୁ ,ଅଶୋକ କୁମାର ପାତ୍ର, ଅରୁଣ କୁମାର ଷଡଙ୍ଗୀ, ମାନସ ପଣ୍ଡା,ଅଚ୍ୟୁତ ପଣ୍ଡା ଓ ଚନ୍ଦ୍ର କାନ୍ତ ପଣ୍ଡା ସହଯୋଗ କରିଥିଲେ।

## ମହିଳାଙ୍କୁ ଗଣଦୁଷ୍କର୍ମ ପରେ ମାଡ଼, ୩ ଅଟକ

**କବିସୂର୍ଯ୍ୟନଗର,୧୦।୭(ସମିସ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ ପରେ ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରିବା ସହ ୩ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି। ମହିଳାଙ୍କୁ ମଙ୍ଗଳବାର ଅପରାହ୍ନରୁ ୪ରୁ ଉର୍ଦ୍ଧ୍ୱ ବ୍ୟକ୍ତି ନିଶାଶକ୍ତ ଅବସ୍ଥାରେ



ତାଙ୍କୁ ଖଇରପଲ୍ଲୀ ଗ୍ରାମ ନିକଟ ପାହାଡ଼ରେ ରଖି ମାଡ ମାରିବା ସହିତ ଗଣଦୁଷ୍କର୍ମ କରିଥିବା ମହିଳା ଜଣକ କହିଛନ୍ତି। ମହିଳାଙ୍କ ଶରୀର ବିଭିନ୍ନ ଠାରେ ଗଭୀର ଆଘାତ ଚିହ୍ନ ରହିଛି। ତେବେ ଗଞ୍ଜେଇ ବ୍ୟବସାୟକୁ କେନ୍ଦ୍ରକରି ମହିଳାଙ୍କୁ ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ଠାରୁ ମିହଳା ଜଣଙ୍କୁ ଦର୍ବୃତ୍ତ ମାନେ ନିର୍ଯାତନା ଦେବା ପରେ ବୁଧବାର ସକାଳୁ ଖଇରପଲ୍ଲୀ ହ୍ରଦ ନିକଟରେ ମହିଳାଙ୍କୁ ପୁଲିସ ଉଦ୍ଧାର କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇଜଣ ବାବନପୁର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣଙ୍କ ପରିଚୟ ମିଳିପାରନି। ସୂଚନାଯୋଗ୍ୟ କିଛି ମାସପୂର୍ବରୁ କୋଦଳା ନିକଟ ଛଚିନା ଗ୍ରାମ ଛକ ପାଖରୁ ଗଞ୍ଜେଇ ବ୍ୟବସାୟକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଦୁର୍ବୃତ୍ତ ମାନେ ଅପହରଣ କରି ହତ୍ୟା କରିବା ପରେ ନିକଟସ୍ଥ ଏକ ବୁଦାକୁ ଫୋପାଡ଼ି ଦେଇଥିଲେ।

**ପଞ୍ଚାୟତ ସମିତିର ୮ମ ବୈଠକ**

# ନେତା ଓ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହିବା ଉଚିତ

ଛତ୍ରପୁର,୧୦।୭(ସମିସ)

ସାଧାରଣ ନିର୍ବାଚନ ପରେ ବୁଧବାର ଛତ୍ରପୁର ପଞ୍ଚାୟତ ସମିତିର ୮ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ଲୋକ ପ୍ରତିନିଧି ଓ ଅଫିସରମାନଙ୍କ ମିଳିତ ଉଦ୍ୟମରେ ସମାଧାନ କରାଗଲେ ହିଁ ସମସ୍ୟାର ସମାଧାନ ହୋଇପାରିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଣିତ ସମସ୍ତ ଯୋଜନା ଗୁଡିକ ପଞ୍ଚାୟତର ଜନସାଧାରଣ କିପରି ଉପକୃତ ହୋଇପାରିବେ ସେଥିପ୍ରତି ନିଜର ଦକ୍ଷତା ପ୍ରଦର୍ଶନ କରି ବ୍ଲକ ପ୍ରଶାସନ, ଜନପ୍ରତିନିଧି ଓ ଜନସାଧାରଣଙ୍କ ଉତ୍ତମ ସମନ୍ୱୟ ରଖି ସଫଳତାର ସହିତ ସବୁ ଯୋଜନା ଗୁଡିକୁ କାର୍ଯ୍ୟକାରୀ କ୍ଷେତ୍ରରେ ପଦକ୍ଷେପ ନେବାକୁ ବ୍ଲକ ପ୍ରଶାସନ ଏବଂ ବିଭିନ୍ନ ଲାଇନ୍ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି, ପଞ୍ଚାୟତ ହେଉ କିମ୍ବା ନିର୍ବାଚନମଣ୍ଡଳୀରୁ ଆମେ ସବୁ ଲୋକଙ୍କ ସେବା କରିବା ପାଇଁ ପ୍ରତିନିଧିତ୍ୱ କରୁଛେ, କିଏ କେଉଁ ଦଳରୁ ନିର୍ବାଚିତ ହୋଇଛେ ସେଥିପ୍ରତି ନ ଗୁରୁତ୍ୱ ଦେଇ ଲୋକଙ୍କ ସେବା କରିବା ପାଇଁ ଆମକୁ ୫ ବର୍ଷ ସୁବିଧା ସୁଯୋଗ ମିଳିଛି। ଏହା ସହିତ ଲୋକଙ୍କ କାମ ହୋଇଥିବା ବିଲ




ଗୁଡିକ ପେଣ୍ଡିଂ ନ ରଖି ୭ଦିନ ମଧ୍ୟରେ କରିବାକୁ ସେ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

ବୈଠକ ଅଧକ୍ଷା କିରନ୍ କୁମାରୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ନବନିର୍ବାଚିତ ସାଂସଦ ଓ ବିଧାୟକଙ୍କୁ ପଞ୍ଚାୟତ ସମିତି ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକ ଅଧକ୍ଷା ଶ୍ରୀମତି ଦାସ, ଉପାଧକ୍ଷା ଏସ୍.ଶାରଦା ରେଡ୍ଡୀ ଓ ବିଡିଓ ସୁଶାନ୍ତ କୁମାର ବରାଳ ଛତ୍ରପୁର ବ୍ଲକର ସାମୁହିକ ବିକାଶ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପିଇଓ ସନ୍ତୋଷ କୁମାର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛତ୍ରପୁର ବ୍ଲକର ୧୮ଟି ପଞ୍ଚାୟତ ନିମନ୍ତେ ମେଗା ପାନୀୟ ଜଳ ପ୍ରକଳ୍ପ କାମ ମନ୍ଥର ଗତିରେ ଚାଲିଥିବା ନେଇ ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ, ଜିଲ୍ଲା ପରିଷଦ ସଭ୍ୟ ଏମ୍.ଧନଞ୍ଜୟ ରେଡ୍ଡୀ ଛତ୍ରପୁର କଲେଜ ଛକ ଓ ଡିଆରଡିଏ ଛକ ଜାତୀୟ ରାଜପଥରେ ଅଣ୍ଡର ପାସ୍ ଫ୍ଲାଏଓଭର ପ୍ରକଳ୍ପ, ବିଭିନ୍ନ ଶିଳ୍ପ କାରଖାନା ଗୁଡିକରେ ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରାଧାନ୍ୟ ଏବଂ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ ଛତ୍ରପୁର ବ୍ଲକର ବେକାରୀ ଯୁବକଯୁବତୀଙ୍କୁ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି କ୍ଷେତ୍ରରେ ପଦକ୍ଷେପ ନେବାକୁ ବ୍ରହ୍ମପୁର ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି କ୍ଷେତ୍ରରେ ସାଂସଦ ଗୋଟିଏ ପ୍ରସ୍ତାବ ରଖିଥିଲେ, ଛତ୍ରପୁର ବ୍ଲକ ୧୮ଟି ପଞ୍ଚାୟତସ୍ତରରୁ ମାଟ୍ରିକ୍ ପାସ୍ ପରେ କେତେ ପିଲା ପାଠପଢୁଛନ୍ତି ଆଉ କେତେ ପିଲା ଘରର ବିଭିନ୍ନ ସମସ୍ୟା ନେଇ ଅଧାରୁ ପାଠଛାଡି ଦାଦାନ ଖଟିବା ପାଇଁ ବାଧ ହେଉଛନ୍ତି। ଏହାର ପ୍ରଥମେ ଏକ ତଥ୍ୟ ପ୍ରସ୍ତୁତ କରିବା। ଏହାପରେ ଆମେ ସେହି ଯୁବକ ମାନଙ୍କୁ ଏଠାରେ ହିଁ କିପରି କାମ ଯୋଗାଇ ପାରିବା ତାହାର ଏକ ବିକଳ୍ପ ବ୍ୟବସ୍ଥା କରିପାରିବା ବୋଲି କହିଥିଲେ। ପରେ ସାଂସଦ ଓ ବିଧାୟକଙ୍କ କୌଣସି କାର୍ଯ୍ୟବ୍ୟସ୍ତତା ନେଇ ଚାଲିଯାଇଥିଲେ। ବୈଠକ ନିୟମିତ ଚାଲୁ ରହିଥିଲା। ସୁନ୍ଦରପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତ ହୋଇଥିଲେ ସୁଦ୍ଧା ଆସୁନାହାନ୍ତି ବୋଲି ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତି ନାହାକ, ସରପଞ୍ଚ ଗଗନ ବେହେରା ଓ ସମିତିସଭ୍ୟ ସୁଜ୍ଞାନୀ ସେଠୀ ଅଭିଯୋଗ କରିଥିଲେ। ସେହିପରି କଣମଣା ଓ ପୋଡାପଦର ପଞ୍ଚାୟତରେ ଆଶାକର୍ମୀ ନିଯୁକ୍ତ ପାଇଁ ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ୍. ଚକ୍ରପାଣି ରେଡ୍ଡୀ ଦାବି କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୁଟବଗଡ, ଦୁଆନପଲ୍ଲୀ-ସୁନ୍ଦରପୁର ରାସ୍ତାର ଅବସ୍ଥା ଶୋଚନୀୟ ନେଇ ସରପଞ୍ଚ ବି.ସୁଦାମ ଅଭିଯୋଗ କରିଛନ୍ତି। ସେହିପରି ଖାଦ୍ୟ ନିରାପତ୍ତା ଯୋଜନାରେ ବାକି ରହିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ଏବଂ ଯେଉଁ ପଞ୍ଚାୟତରେ ମୃତ ହିତାଧିକାରୀଙ୍କ ସ୍ଥାନରେ ନୂତନ ଭତ୍ତା ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ପଞ୍ଚାୟତ ପ୍ରତିନିଧିମାନେ ସ୍ୱର ଉଠାଇଥିଲେ।

**କମ୍ୟୁନିଷ୍ଟ ପାର୍ଟିର ବୈଠକ**

## ଦଖଲ ଜମିର ପଟ୍ଟା ଦାବିରେ ଆନ୍ଦୋଳନ ନିଷ୍ପତ୍ତି



**ଖଲ୍ଲିକୋଟ,୧୦।୭(ସମିସ):** ବୁଧବାର ନିର୍ମଳଝରେ ସ୍ଥିତ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟରେ ଜୋନ ଜେନେରାଲ ବଡି ମିଟିଂ ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ଅଞ୍ଚଳରେ ପୁରୁଷ, ପୁରୁଷ ଧରି କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ମାନେ ସରକାରୀ ଜମିକୁ ଦଖଲ କରି ଚାଷ ବାସ କରି ଆସୁଛନ୍ତି। କିନ୍ତୁ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗରୀବ ଲୋକ ମାନଙ୍କୁ ତାଙ୍କର ଦଖଲ ଜମିର ପଟ୍ଟା ଓ ବାସହୀନ ମାନଙ୍କୁ ଘର ଡିହର ପଟ୍ଟା ଏଯାବତ୍ ମିଳିପାରିନାହିଁ। ଏହି ପରିପ୍ରେକ୍ଷୀରେ ଦଖଲ ଜମିର ପଟ୍ଟା ଓ ଘରଡିହ ପଟ୍ଟା ସହ ଜଙ୍ଗଲ ଜମିର ପଟ୍ଟା, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ ତଥା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ କରି ରାସନକାର୍ଡ ପ୍ରଦାନ କରିବା ଏବଂ ବ୍ଲକସ୍ତରରେ ଚାଲୁଥିବା ଦୁର୍ନୀତିକୁ ବନ୍ଦ କରିବା ଭଳି ବିଭିନ୍ନ ଦାବି ନେଇ ବ୍ୟାପକ ଆନ୍ଦୋଳନ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସାଥି ଲକ୍ଷ୍ମୀଚରଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିପିଆଇ ଜାତୀୟ ପରିଷଦ ସଭ୍ୟ ସାଥୀ ଆଶିଷ କାନୁନଗୋ, ସିପିଆଇ ଗଞ୍ଜାମ ଜିଲ୍ଲା ସମ୍ପାଦକ ସାଥୀ ପ୍ରକାଶ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସାଥୀ ଶ୍ରୀହର୍ଷ ରଥ, ଜୋନ୍ ସମ୍ପାଦକ ସାଥୀ ଦୁର୍ଗାଚରଣ ପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ। ବୈଠକରେ କୃଷକ ନେତା ସାଥୀ ବିଦ୍ୟାଧର ବେହେରା, ଯୁବ ନେତା ମନୋଜ କୁମାର ଗୌଡ଼, ଆଇନଜୀବୀ ସୀମାଞ୍ଚଳ ବେହେରା, ରଘୁନାଥ ଗୌଡ଼, ଜୟରାମ ଦାଶ, ଆଦିବାସୀ ନେତା ଗୁରୁଦେବ ଯାନି, ଦାନିଏଲ୍ ଶବର ପ୍ରମୁଖ ଅଂଶ ଗ୍ରହଣ କରିଥିବାବେଳେ ଖଲ୍ଲିକୋଟ ଅଞ୍ଚଳର ଅଧିକାଂଶ ପଞ୍ଚାୟତରୁ ଦୁଇଶହରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ।

● ଗାନ୍ଧୀ ମହାବିଦ୍ୟାଳୟରେ ବନ ମହୋତ୍ସବ

# 'ବୃକ୍ଷ ବିନା ମଣିଷ ସମାଜର ସ୍ଥିତି ଅସମ୍ଭବ'



**ରାଉରକେଲା, ୧୦।୭ (ସମିସ):** ଦେଓଗାଁସ୍ଥିତ ଗାନ୍ଧୀ ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡ. ଚନ୍ଦ୍ରିକା ପଟ୍ଟନାୟକଙ୍କ ସଭାପତିତ୍ୱରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। ୱାଇଆରସି ଓ ଏନଏସଏସର ମିଳିତ ସହଯୋଗରେ ଆୟୋଜିତ ଏହି ବନ ମହୋତ୍ସବ କାର୍ଯ୍ୟକ୍ରମରେ ବନ ବିଭାଗ ସହାୟତାରେ ବଉଳ, ଆମ୍ବ, ପଣସ, ଅଁଳା, ନିମ୍ବ, ଜାମୁ ଆଦି ଚାରାରୋପଣ କରାଯାଇଥିଲା। ଏହାର ଯତ୍ନ ନେବାକୁ ଅଧ୍ୟକ୍ଷା ଡ. ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇ କହିଲେ ବୃକ୍ଷ ହିଁ ଜୀବନ। ବୃକ୍ଷ ବଞ୍ଚିଲେ ମଣିଷ ସମାଜ ବଞ୍ଚିବ। ବିଶ୍ୱ ତାପାୟନର ଭୟାବହତା ସମସ୍ତଙ୍କ ପାଇଁ ଏବେ ସତର୍କ ଘଣ୍ଟି ହୋଇଛି। ବ୍ୟାପକ ଶିଳ୍ପାୟନ ତଥା ରାସ୍ତା ପ୍ରଶସ୍ତୀକରଣ ଯୋଗୁଁ ବହୁ ମାତ୍ରାରେ ବୃକ୍ଷ କଟାଯାଉଥିବା ବେଳେ ତା'ଠାରୁ ବହୁ ଗୁଣରେ ବନୀକରଣର ଆବଶ୍ୟକତା ରହିଛି। କାରଣ ବୃକ୍ଷ ବିନା ମଣିଷ ସମାଜର ସ୍ଥିତି ଅସମ୍ଭବ। ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଚାରାରୋପଣ କରି ତା'ର ଯତ୍ନ ନେବାକୁ ଉତ୍ତରଦାୟୀ ରହିବା ଉଚିତ ବୋଲି ଅଧ୍ୟକ୍ଷା ଡ. ପଟ୍ଟନାୟକ କହିଥିଲେ।

ପ୍ରାଧ୍ୟାପକ ସୁରେଶ କୁମାର ମହାପାତ୍ର, ଡ. ଅଶୋକ କୁମାର ବେଉରା, ପ୍ରାଧ୍ୟାପିକା ଅର୍ପିତା ମହାପାତ୍ର, ଡ. ନମିତା ରଥ, ସୁବାସ ଚନ୍ଦ୍ର ବଳ, ଭାବଗ୍ରାହୀ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ୱାଇଆରସି ପରିଚାଳନା ଅଧିକାରୀ ଡ. ଯାଜ୍ଞସେନୀ ଛତ୍ରିଆ, ଶତ୍ରୁଘ୍ନ କିଶାନ, ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଡ. ଅଜୟ କୁମାର ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

**ରାଉରକେଲା, ୧୦।୭ (ସମିସ):** ସ୍ତ୍ରୀଙ୍କୁ ନିର୍ଯାତନା ନେଇ ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ବିରଜାପାଲି ବସ୍ତିରେ ଏକ ଦମ୍ପତି ରୁହନ୍ତି। ଗତ କିଛିଦିନରୁ ବିଭିନ୍ନ କଥାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ବୁଧବାର ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ରାଉରକେଲାରେ ଡେଙ୍ଗୁ ସ୍ଥିତି ଚିନ୍ତାଜନକ









**ରାଉରକେଲା, ୧୦।୭ (ସମିସ)**

ରାଉରକେଲାରେ ଡେଙ୍ଗୁ ସଂକ୍ରମଣ ସ୍ଥିତି ଚିନ୍ତାଜନକ ହେବାରେ ଲାଗିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ସୁନ୍ଦରଗଡ଼ ଜିଲ୍ଲାରେ ୬୪ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ କେବଳ ରାଉରକେଲା ସହରରେ ୫୭ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୯ ଜଣ ଆରଏସପି ଅଞ୍ଚଳର ହୋଇଥିବାବେଳେ ୭ ଜଣ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଅଞ୍ଚଳ ବାସିନ୍ଦା। ଅଣ ସେକ୍ଟର ଅଞ୍ଚଳରେ ମଧ୍ୟ ଜଣେ ରୋଗୀ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୪୬ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୧୧ ଜଣ ଏବେ ବି ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ଆର୍‌ଏମ୍‌ସି ଏବଂ ଇସ୍ପାତ ସହରାଞ୍ଚଳରେ ଡେଙ୍ଗୁ ପରିସ୍ଥିତି ଏବେ କ୍ରମଶଃ ଭୟାନକ ଆଡ଼କୁ ଗତି କରୁଛି। ବିଶେଷ କରି ଆର୍‌ଏସ୍‌ପି ଅଞ୍ଚଳରେ ସ୍ଥିତି ଚିନ୍ତାଜନକ ରହିଛି। ଆର୍‌ଏସ୍‌ପି ଅଞ୍ଚଳରେ ସର୍ବାଧିକ ୪୯ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ସେକ୍ଟର-୧୪ ଅନ୍ତର୍ଗତ ଲୁହାକେରା ଅଞ୍ଚଳର ସର୍ବାଧିକ ୩୩ ଜଣ ଥିବା ଜଣାପଡ଼ିଛି। ଗତ ଜାନୁଆରୀ ମାସରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟକର୍ମୀମାନେ ସହରଠାରୁ ଗ୍ରାମାଞ୍ଚଳରେ ସର୍ଭେ ଆରମ୍ଭ କରିଛନ୍ତି। ବିଶେଷ କରି ଯେଉଁ ଅଞ୍ଚଳରେ ବିଆଇ ଇଣ୍ଡେକ୍ସର ସୂଚକାଙ୍କ ୫ ତଳକୁ ରହୁଛି, ସେହି ଅଞ୍ଚଳର ନାଳନର୍ଦ୍ଦମାରେ

**● ସୁନ୍ଦରଗଡ଼ ଜିଲ୍ଲାରେ ୬୪, କେବଳ ରାଉରକେଲାରେ ୫୭ ରୋଗୀ**

**● ଆର୍‌ଏସ୍‌ପି ଅଞ୍ଚଳରେ ସର୍ବାଧିକ ୪୯ ଡେଙ୍ଗୁ ରୋଗୀ ଚିହ୍ନଟ**

ଜନ୍ମ ନେଉଥିବା ଡେଙ୍ଗୁ ଭୂତାଣୁ ବାହକ ଏଡିସ ମଶା ବେଶୀ ମାରାତ୍ମକ ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ମାତ୍ର ଯେଉଁ ଅଞ୍ଚଳରେ ବିଆଇ ସୂଚକାଙ୍କ ୫ ଉପରକୁ ରହିଛି ସେହି ଅଞ୍ଚଳର ମଶା ରୋଗୀର ଜୀବନ ପ୍ରତି ଘାତକ ସାଜିପାରେ। ଗତ ୧୫ ଦିନ ଭିତରେ କରାଯାଇଥିବା ସର୍ଭେ ଅନୁଯାୟୀ ରାଉରକେଲା ସହରର ୧୧ ସ୍ଥାନରେ ବିଆଇ ସୂଚକାଙ୍କ ୫ର ଯଥେଷ୍ଟ ଉପରକୁ ରହିଥିଲା, ଯାହାକି ଚିନ୍ତାର ବିଷୟ ବୋଲି କୁହାଯାଇଛି।

ସୂଚନା ମୁତାବକ ସେକ୍ଟର-୧୪ରେ ୩୩ ରୋଗୀ ଚିହ୍ନଟ ହୋଇଥିବା ବେଳେ ହମିରପୁର ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ସେକ୍ଟର-୧୩ ଅଞ୍ଚଳରେ ୩ ଜଣ, ସେକ୍ଟର-୭ ଅଞ୍ଚଳରେ ୩ ଜଣ, ବାଲିଘାଟ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ପାନପୋଷ ବସ୍ତିରେ ଜଣେ, ଡିଏଭି ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳରେ ଜଣେ, ଗୋପବନ୍ଧୁପାଲ୍ଲୀ (୨) ଅଞ୍ଚଳରେ ୨ ଜଣ, କୋଏଲନଗର ସ୍ୱାସ୍ଥ୍ୟକେନ୍ଦ୍ର ସେକ୍ଟର-୨୦ ଅଞ୍ଚଳରେ ଜଣେ, ଶକ୍ତିନଗର ଅଞ୍ଚଳରେ ଜଣେ, ହମିରପୁର ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ସେକ୍ଟର-୧୯ ହମିରପୁରରେ ଜଣେ, ସେକ୍ଟର-୧୫ ଅଞ୍ଚଳରେ ୨ ଜଣ, ସେକ୍ଟର-୧୬ ଅନ୍ତର୍ଗତ ତୁମକେଲା ବସ୍ତିରେ ୨ ଜଣ, ଛେଣ୍ଡ କଲୋନୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ପ୍ରଧାନପାଲ୍ଲୀ ଅଞ୍ଚଳରେ ଜଣେ, ସେକ୍ଟର-୭ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ସେକ୍ଟର-୬ ଏଚ ବ୍ଲକରେ ଜଣେ, ସେକ୍ଟର-୩ ଅଞ୍ଚଳରେ ଜଣେ, ସେକ୍ଟର-୮ରେ ୨ ଜଣ, ମହତାବରୋଡ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଗାନ୍ଧୀ ରୋଡ୍ ଅଞ୍ଚଳରେ ଜଣେ ଏବଂ ବନ୍ଧମୁଣ୍ଡାର ତିଳିକାନଗର ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଡିସେଲ କଲୋନୀରେ ଜଣେ ରୋଗୀ ଚିହ୍ନଟ ହୋଇଛନ୍ତି।

ସହରରେ ଡେଙ୍ଗୁ ନିରାକରଣ ପାଇଁ ଯଥେଷ୍ଟ ସଂଖ୍ୟକ ସାନିଟାରୀ ସ୍ୱାସ୍ଥ୍ୟକର୍ମୀ ବା ନାଳ ସଫା କରିବା ପାଇଁ ଆବଶ୍ୟକ ଶ୍ରମିକଙ୍କୁ ନିୟୋଜିତ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ସହରାଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଡେଙ୍ଗୁ ନିରାକରଣ ଯୋଜନା ଦିଗହରା ହୋଇଛି। ସ୍ମାର୍ଟସିଟି ରାଉରକେଲା ତଥା ଆରଏସପିରେ ମଶା ନିବାରଣ ପାଇଁ ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ବର୍ଷାଦିନ ପୂର୍ବରୁ ସ୍ମାର୍ଟସିଟି ତଥା ଆରଏସପି ଅଞ୍ଚଳର ନାଳନର୍ଦ୍ଦମା ସଫା ହୋଇ ନ ଥିବାରୁ ଡେଙ୍ଗୁ ମଶାଙ୍କ ପ୍ରାଦୁର୍ଭାବ ଦେଖାଦେଇଛି। ଆର୍‌ଏସ୍‌ପିର ନାଳନର୍ଦ୍ଦମା ସଫା ହୋଇ ନ ଥିବାରୁ ବର୍ଷା ପାଣି ନିଷ୍କାସିତ ହୋଇପାରୁନାହିଁ। ରାସ୍ତା ତଥା ନାଳରେ ବର୍ଷାପାଣି ଜମି ରହୁଛି। ଆରଏମସି ପକ୍ଷରୁ ରାସ୍ତା କଡ଼ରେ ଥିବା ଆବର୍ଜନା କୁଣ୍ଡ ମଧ୍ୟ ସଫା ହେଉ ନ ଥିବାରୁ ମଶା ସୃଷ୍ଟି ହେବା ସମ୍ଭାବନା ରହିଛି। ସେପଟେ ସହରର ବିଭିନ୍ନ ବସ୍ତି ଅଞ୍ଚଳରେ ଥିବା ନାଳନର୍ଦ୍ଦମା ଆବର୍ଜନାପୂର୍ଣ୍ଣ ହୋଇ ମାସ ମାସ ଧରି ପାଣି ଜମି ରହୁଛି। ଯେହେତୁ ୭ ଦିନର ଜମି ରହିଥିବା ସ୍ଥିର ପାଣିରେ ଡେଙ୍ଗୁ ମଶା ଜନ୍ମ ନିଅନ୍ତି, ବସ୍ତି ଅଞ୍ଚଳର ନାଳନର୍ଦ୍ଦମାରେ ଜମିଥିବା ପାଣିରେ ଡେଙ୍ଗୁ ମଶା ଜନ୍ମ ନେଉଥିବା କୁହାଯାଉଛି। କେବଳ ସେତିକି ନୁହେଁ ବସ୍ତି ତଥା ସହରର ବିଭିନ୍ନ ୱାର୍ଡରେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବ ଯୋଗୁଁ ମାସ ଧରି କୁଲର, କୁଣ୍ଡ, ଟାୟାର, ଖାଲୁଆ ସ୍ଥାନରେ ପାଣି ଜମି ରହିବା ଦ୍ୱାରା ଡେଙ୍ଗୁ ମଶା ଜନ୍ମ ନେଉଥିବା କୁହାଯାଉଛି। ଅନ୍ୟପକ୍ଷରେ ନାଳନର୍ଦ୍ଦମାରେ କୀଟନାଶକ ତୈଳ ସ୍ପ୍ରେ କରାଯିବା ପାଇଁ ଆରଏସପି ପକ୍ଷରୁ ଟେଣ୍ଡର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେପଟେ ରୋଗୀଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ନଜର ରଖିଛି। ସେକ୍ଟର-୧୪ ହମିରପୁର ଅଞ୍ଚଳ ହଟସ୍ପଟ୍ ପାଲଟିଥିବା ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭକ୍ତମୋହନ ସ୍ୱାଇଁଙ୍କ ସୂଚନା ଦେଇଛନ୍ତି।

## ଅଧ୍ୟାପକଙ୍କ ଅକାଳ ବିୟୋଗ

**ବଣାଇଁ, ୧୦।୭ (ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ବ୍ଲକ ବିଲେଇପଡ଼ାସ୍ଥିତ ବାବା ବାଣେଶ୍ୱର ମହାବିଦ୍ୟାଳୟ (ଚାନ୍ଦଲିବିହାର)ର ଇତିହାସ ଅଧ୍ୟାପକ ବିନୋଦ ବିହାରୀ ମାହାନ୍ତଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଛି। ସେ ଗତ କିଛିଦିନ ହେବ ଅସୁସ୍ଥ ହୋଇ ରାଉରକେଲା ସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ରାତିରେ ହୃଦଘାତରେ ତାଙ୍କ ଦେହାନ୍ତ ହୋଇଛି। ବାବା ବାଣେଶ୍ୱର ମହାବିଦ୍ୟାଳୟ ପ୍ରତିଷ୍ଠା ସହିତ ସିଙ୍ଗାରଦେଇ ପାହାଡ଼ ଓ ଜଙ୍ଗଲର ସୁରକ୍ଷା ପାଇଁ ତାଙ୍କ ଅବଦାନ ଅତୁଳନୀୟ ଥିଲା। ଜଣେ ଆମାୟିକ ଓ ମିଷ୍ଟଭାଷୀ ବ୍ୟକ୍ତି ଭାବରେ ସବୁ ମହଲରେ ପରିଚିତ ଥିବା ବିନୋଦଙ୍କ ବିୟୋଗରେ



ବଣାଇଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବୁଧବାର ସକାଳେ ତାଙ୍କ ବାସଭବନରେ ବହୁ ଲୋକ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁଙ୍କ ସହ ସମସ୍ତ ନାତିନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ସାର୍ଟିଫିକେଟ୍ ବିତରଣ ଉତ୍ସବ, ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**ବଣାଇଁ, ୧୦।୭ (ସମିସ):** ବଣାଇଁ ବ୍ଲକ ରୁଗୁଡ଼ା ଗ୍ରାମସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ସାର୍ଟିଫିକେଟ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲୀଧର ବାଙ୍କଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବିଇଓ ଝସକେତନ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ବିଶ୍ୱାଳ ସମ୍ମାନିତ ଅତିଥି, ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ସିଆରସିସି ଚତୁର୍ଭୁଜ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସ୍କୁଲର ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସାର୍ଟିଫିକେଟ ବିତରଣ କରାଯାଇଥିଲା। ବଣାଇଁ ବ୍ଲକ ଟପ୍ପର ହୋଇଥିବା ଏହି ସ୍କୁଲର ଛାତ୍ର କ୍ରିଷ୍ଣା ମୁଣ୍ଡା ତଥା ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଫକୀର ମୋହନ ସାହୁ ଓ ଛାତ୍ରୀ ପୂଜା ବାଗଙ୍କୁ ବିଦ୍ୟାଳୟ ପକ୍ଷରୁ ଟ୍ରଫି ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ତନୁଜ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ମୁରଲୀଧର ସାହୁ, ଦୋଲେନ୍ଦ୍ର ସାହୁ, ଜଗନ୍ନାଥ ମାହାନ୍ତ, ପୀତବାସ ପାତ୍ର, ଲିଙ୍ଗରାଜ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ରୂପକ ରାଜହଂସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦାୟୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା।

ଆର୍‌ଏସ୍‌ପି ପ୍ରବେଶିକା କାର୍ଯ୍ୟକ୍ରମ

# ୬୧ ନୂତନ ମ୍ୟାନେଜମେଣ୍ଟ ଟ୍ରେନିଙ୍କ ଯୋଗଦାନ

**ରାଉରକେଲା, ୧୦।୭ (ସମିସ):** ଆର୍‌ଏସ୍‌ପିର ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରରେ ବୁଧବାର ଆୟୋଜିତ ପ୍ରବେଶିକା କାର୍ଯ୍ୟକ୍ରମରେ ଖଣି ଏବଂ ସେରାମିକ୍ସ ଷ୍ଟ୍ରିମ୍‌ର ୬୧ ଜଣ ମ୍ୟାନେଜମେଣ୍ଟ ଟ୍ରେନି (ବୈଷୟିକ) ମହାରତ୍ନ କମ୍ପାନୀ ସେଲରେ ଅନୁଷ୍ଠାନିକ ରୂପେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଏବଂ ସେଲ କାର୍ମିକ ବିଭାଗ ନିର୍ଦ୍ଦେଶକ କେକେ ସିଂ ମଞ୍ଚାସୀନ ଥିବା ବେଳେ ସେଲ ବୋର୍ଡର ଅନ୍ୟ ସଦସ୍ୟମାନେ ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ। ଭିଲାଇ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅନିର୍ବାଣ ଦାସଗୁପ୍ତା ନିଜ ଅଭିଭାଷଣରେ ନୂତନ ଶିକ୍ଷାନବିଶମାନଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ଅର୍ଥନୈତିକ ଅଭିବୃଦ୍ଧିରେ ଇସ୍ପାତ ହେଉଛି ଏକ ପ୍ରମୁଖ ଯୋଗଦାନକାରୀ ଯାହା ବିନା ଇସ୍ପାତ ଶିଳ୍ପର ଅଭିବୃଦ୍ଧି ଅସମ୍ଭବ। ବାଣିଜ୍ୟ ବିଭାଗର ନିର୍ଦ୍ଦେଶକ ଭିଏସ୍ ଚକ୍ରବର୍ତ୍ତୀ ସେଲ ସର୍ବଦା ନବପ୍ରତିଭା ଓ କୌଶଳ ଗ୍ରହଣ କରିଥାଏ ବୋଲି ଉଲ୍ଲେଖ କରିବା ସହ ଇସ୍ପାତ ଉତ୍ପାଦନ ଖର୍ଚ୍ଚ କମ୍ କରିବା ଦିଗରେ କାର୍ଯ୍ୟ କରିବାକୁ ମ୍ୟାନେଜମେଣ୍ଟ ଟ୍ରେନିମାନଙ୍କୁ ଉତ୍ସାହିତ କରିଥିଲେ।



ଆରଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ନିଜ ଅତୀତ ସ୍ମୃତିକୁ ମନେ ପକାଇବା ସହ ସେଲରେ ଏମଟିଟି ଭାବେ ଯୋଗଦାନ କରିବାର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପରିବର୍ତ୍ତନଶୀଳ ବ୍ୟବସାୟିକ ଦୃଶ୍ୟପଟ୍ଟ ସହ ଖାପଖୁଆଇବା ପାଇଁ ସେ ଇସ୍ପାତ ଭଳି ସୁଦୃଢ଼, କଠିନ କିନ୍ତୁ ନମନୀୟ ହେବାକୁ ଟ୍ରେନିମାନଙ୍କୁ ପରାମର୍ଶ ଦେଇଥିଲେ। ଦୁର୍ଗାପୁର ଇସ୍ପାତ କାରଖାନା ଓ ଇସ୍କୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ବିପି ସିଂହ ଦୀର୍ଘ ୨୦ ବର୍ଷ ଧରି ସେଲର ମାଇନ୍ସରେ କାମ କରିବାର ତାଙ୍କ ଅନୁଭୂତି ବର୍ଣ୍ଣନା କରି କହିଲେ ଯେ ସେଲ ଦକ୍ଷ ତଥା ପ୍ରତିଜ୍ଞ ବ୍ୟକ୍ତିମାନଙ୍କୁ କମ୍ପାନୀର ଶୀର୍ଷ ପଦବୀରେ ପହଞ୍ଚିବା ପାଇଁ ସୁଯୋଗ ପ୍ରଦାନ କରିଥାଏ। ବିତ୍ତ ବିଭାଗ ନିର୍ଦ୍ଦେଶକ ଏକେ ତୁଲସିୟାନି ଗତ ତିନିବର୍ଷ ମଧ୍ୟରେ ସେଲର ଆର୍ଥିକ ପ୍ରଦର୍ଶନ ବିଷୟରେ ଆଲୋକପାତ କରିଥିଲେ ଏବଂ ଦେଶର ଜିଡିପି ଅଭିବୃଦ୍ଧିରେ ଇସ୍ପାତର ଗୁରୁତ୍ୱ ଦର୍ଶାଇଥିଲେ। କାର୍ମିକ ବିଭାଗ ନିର୍ଦ୍ଦେଶକ କେକେ ସିଂହ ଏମଟି(ଟି)ମାନଙ୍କୁ ଆଶ୍ୱାସନା ଦେଇ କହିଲେ ଯେ ସେମାନେ ଏକ ସଠିକ୍ ନିଷ୍ପତ୍ତି ନେଇଛନ୍ତି ଏବଂ ସେଲ ପରିବାର ସଦସ୍ୟ ଭାବେ ଏମଟି(ଟି)ମାନଙ୍କର ସମସ୍ତ ଯତ୍ନ ନିଆଯିବ।

ସେଲର ବୈଷୟିକ, ପ୍ରକଳ୍ପ ଓ କଞ୍ଚାମାଲ ବିଭାଗ ନିର୍ଦ୍ଦେଶକ ଏକେ ସିଂ, ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ବିକେ ତିୱାରୀ, ସେଲର ସିଭିଓ ଏସ୍‌ଏନ ଗୁପ୍ତା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମାନବ ସମ୍ବଳ ଏବଂ ଏଚଆର-ଜ୍ଞାନାର୍ଜନ ଓ ବିକାଶ ବିଭାଗ ସିଜିଏମ ରାଜଶ୍ରୀ ବାନାର୍ଜୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ମତବିନିମୟ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଚଏସଏମ-୨ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର୍ ବି ଭବାନୀ ଏକ ଉପସ୍ଥାପନା ମାଧ୍ୟମରେ ତାଙ୍କର ଗତ ଏକ ବର୍ଷର ଅଭିଜ୍ଞତା ସହଭାଗ କରିଥିଲେ। ଏଚଆର ବିଭାଗ ସିନିୟର ମ୍ୟାନେଜର ଶୁଭେନ୍ଦୁ ଗରୁଡ଼ ଏମଟିଟିମାନଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଏକ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ। ଏଚଆର ଜ୍ଞାନାର୍ଜନ ଓ ବିକାଶ ବିଭାଗ ଜିଏମ ଏଚ୍ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଖଣି ବିଭାଗର ଏମଟିଟି ଶୁଭ ଶର୍ମା ଏବଂ ଏଚଆର ବିଭାଗର ଏମଟିଏ ଦିବ୍ୟା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଶ୍ରାବଣୀ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

# ୨୧ରୁ ବେଦବ୍ୟାସ ପୀଠରେ ଆରମ୍ଭ ହେବ ମେଳା

**ରାଉରକେଲା, ୧୦।୭ (ସମିସ)**

ଆସନ୍ତା ଜୁଲାଇ ୨୧ରୁ ରାଉରକେଲାର ପ୍ରସିଦ୍ଧ ବେଦବ୍ୟାସ ପୀଠରେ ଶ୍ରାବଣୀ ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏହାର ସଫଳ ଆୟୋଜନ ପାଇଁ ଅତିରିକ୍ତ ଜିଲ୍ଲାପାଳ ତଥା ଆରଏମସି କମିଶନର ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।



ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମେଳାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ କୁଲକର୍ଣ୍ଣି ସମସ୍ତ ବିଭାଗର ସହଯୋଗ ଲୋଡ଼ିଥିଲେ। ଆସନ୍ତା ୨୧ ତାରିଖରୁ ଆୟୋଜିତ ହେବାକୁ ଥିବା ଏହି ମେଳା ଜୁଲାଇ ୨୮, ଅଗଷ୍ଟ ୪, ୧୧ ଓ ୧୮ ତାରିଖ ରବିବାର ଆରମ୍ଭ ହୋଇ ପରଦିନ ଅର୍ଥାତ୍ ସୋମବାର ସକାଳ ପର୍ଯ୍ୟନ୍ତ ଜାରି ରହିବ। ମେଳାରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଯଥେଷ୍ଟ ପୁଲିସ ମୁତୟନ କରାଯିବ। ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା, ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ନିୟମିତ ଭାବେ ଷ୍ଟଲଗୁଡ଼ିକରେ ଖାଦ୍ୟ ଓ ପାନୀୟର ମାନ ପରୀକ୍ଷଣ କରିବା ଉପରେ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଗୁରୁତ୍ୱାରୋପ କରିଥିଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ବେଢ଼ା ସହ ନଦୀଘାଟଗୁଡ଼ିକରେ ସୁରକ୍ଷା ପାଇଁ ବ୍ୟାରିକେଡ୍ କରିବା ପାଇଁ ସେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ମେଳା ପୂର୍ବରୁ ବେଦବ୍ୟାସ ପୀଠରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ଶେଷ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଆର୍‌ଏମ୍‌ସି ପକ୍ଷରୁ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯିବ।

ପ୍ରାଥମିକ ଚିକିତ୍ସା ନିମନ୍ତେ ମେଳାରେ ଡାକ୍ତରଙ୍କ ସହ ଆମ୍ବୁଲାନ୍ସ ସେବା ଉପଲବ୍ଧ ରହିବ। ଏଥିସହ ମେଳାକୁ ସଫଳ ପରିଚାଳନା ପାଇଁ ନିମନ୍ତେ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜନ କରାଯିବ। ଏହି ପ୍ରସ୍ତୁତି ବୈଠକରେ ଆର୍‌ଏମ୍‌ସି ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକଙ୍କ ସହ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ତଥା ବେଦବ୍ୟାସ ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସେଲ୍ ମେଡିକ୍ଲେମ ଯୋଜନା ନବୀକୃତ

**ରାଉରକେଲା, ୧୦।୭ (ସମିସ):** ସେଲ ମେଡିକ୍ଲେମ ଯୋଜନା ୨୦୨୪-୨୫ ବର୍ଷ ପାଇଁ ମେସର୍ସ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ ସହିତ ୨୦୨୪ ଜୁଲାଇ ୧୧ ତାରିଖରୁ ୨୦୨୫ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଏକ ବର୍ଷ ନିମନ୍ତେ ନବୀକୃତ ହୋଇଛି। ୭୦ ବର୍ଷରୁ କମ ବୟସ୍କ ସଦସ୍ୟଙ୍କ ସଦସ୍ୟତା ନବୀକରଣ କିସ୍ତି ରୂପେ ସଦସ୍ୟ ପିଛା ୯୦୭୮ ଟଙ୍କା ଦେବାକୁ ହେବ। ସେହିଭଳି ୭୦ରୁ ୮୦ ବର୍ଷ ବୟସ ବର୍ଗର ସଦସ୍ୟଙ୍କୁ ନବୀକରଣ ନିମନ୍ତେ ସଦସ୍ୟ ପିଛା ୬୨୫୨ ଟଙ୍କା ଏବଂ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସଦସ୍ୟଙ୍କୁ ୧୦୦ ଟଙ୍କା ନବୀକରଣ ଦେୟ ଦେବାକୁ ହେବ। ୨୦୨୪-୨୫ ପଲିସି ବର୍ଷରେ ନବୀକରଣ ଓ ସଦ୍ୟତମ ପଞ୍ଜୀକରଣ ସଙ୍ଗେ ସଙ୍ଗେ ବ୍ୟବଧାନ କେସ ଯଥା ପୂର୍ବରୁ ନବୀକରଣ କରି ନ ଥିବା ପୂର୍ବତନ କର୍ମଚାରୀମାନେ କିମ୍ବା ସେଲରୁ ଅବସର ଗ୍ରହଣ ପରେ କେବେ ମଧ୍ୟ ସେଲ ମେଡିକ୍ଲେମ ଯୋଜନାରେ ନାମ ପଞ୍ଜୀକରଣ କରି ନ ଥିବା ପୂର୍ବତନ କର୍ମଚାରୀ ଅଥବା ସେଲ ମେଡିକ୍ଲେମ ଯୋଜନା ୨୦୨୪-୨୫ ପ୍ରାବଧାନ ଅନୁଯାୟୀ ଯୋଗ୍ୟ ପୂର୍ବତନ କର୍ମଚାରୀ ବୟସ ଅନୁଯାୟୀ ଧାର୍ଯ୍ୟ ସବସିଡାଇଜଡ଼ କିସ୍ତି ପ୍ରଦାନ କରି ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ।

୨୦୨୪-୨୫ ବର୍ଷରେ ଅବସର ଗ୍ରହଣ କରୁଥିବା କର୍ମଚାରୀ ଏବଂ ସେମାନଙ୍କ ଜୀବନସାଥୀ ସେଲ ମେଡିକ୍ଲେମ ଯୋଜନାରେ ପ୍ରୋ-ରାଟା ଅନୁଯାୟୀ ଦେୟ ପ୍ରଦାନ କଲେ ସେମାନଙ୍କୁ ଏହି ଯୋଜନା ଅନ୍ତର୍ଗତ ସୁବିଧା ପ୍ରଦାନ କରାଯିବ। ଏଥିସହ ଆଗ୍ରହୀ ପୂର୍ବତନ କର୍ମଚାରୀଙ୍କ ନିମନ୍ତେ ଉପଲବ୍ଧ ନିୟମ ଓ ସର୍ତ୍ତାବଳୀ ଅନୁସାରେ ସମ୍ପୂର୍ଣ୍ଣ ପ୍ରିମିୟମ ପଇଠରେ ସୁପର ଟପ୍ ଅପ୍ ସୁବିଧା ଆରମ୍ଭ କରାଯାଇଛି। ୨୦୨୪-୨୫ ସେଲ ମେଡିକ୍ଲେମ ଯୋଜନାର ସବିଶେଷ ବିବରଣୀ ସମ୍ପର୍କ ୱେବସାଇଟ ଏବଂ ସେଲ ୱେବସାଇଟ www.sail.co.in ତଥା ସେଲ୍ ମେଡିକ୍ଲେମ ପୋର୍ଟାଲ http://mdindia.comରେ ଉପଲବ୍ଧ ରହିଛି। ମେଡିକ୍ଲେମ ବ୍ୟବଧାନ କେସଗୁଡ଼ିକ ନିମନ୍ତେ ଯୋଗ୍ୟ ପୂର୍ବତନ କର୍ମଚାରୀ ସମ୍ପର୍କ ୱେବସାଇଟରୁ ଆବେଦନ ଫର୍ମ ଡାଉନଲୋଡ କରି ପୂରଣ କରିବେ ଏବଂ ଡିଡି ମାଧ୍ୟମରେ ଦେୟ ପଇଠ କରିବେ ତଥା ଦସ୍ତଖତ ସହ ସମ୍ପୂର୍ଣ୍ଣ ଆବେଦନପତ୍ରକୁ ପ୍ରଶାସନିକ ଭବନ କାର୍ମିକ କଲ୍ୟାଣ ଓ କ୍ୟାଣ୍ଟିନ ବିଭାଗ କିମ୍ବା ସେକ୍ଟର-୫ସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ କମ୍ପ୍ଲେକ୍ସରେ ୨୦୨୪ ଅଗଷ୍ଟ ୧୦ ସୁଦ୍ଧା ଆବେଦନ କରିବେ। ବିଭିନ୍ନ ପ୍ଲାଣ୍ଟ ଓ ୟୁନିଟରେ ସେଲ ମେଡିକ୍ଲେମ ଯୋଜନାରେ ନବୀକରଣ ଏବଂ ବ୍ୟବଧାନ କେସ୍‌ଗୁଡ଼ିକର ପଞ୍ଜୀକରଣର ଶେଷ ତାରିଖ ୨୦୨୪ ଅଗଷ୍ଟ ୧୦ ତାରିଖ ଧାର୍ଯ୍ୟ ହୋଇଛି।

